୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK — ପର୍ଯ୍ୟବେକ୍ଷକ

Vol.27. No.58 Bhubaneswar Wednesday April 09 2025 | ୨୭ତମ ବର୍ଷ ସଂଖ୍ୟା-୫୮ ଭୁବନେଶ୍ୱର, ବୁଧବାର, ଅପ୍ରେଲ ୦୯, ୨୦୨୫ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

## ଚ଼ରମରେ ପହଂଚ଼ିଲାଣି ବିଜେଡି ବିଶୃଙ୍ଖଳା : ନବୀନ ବିନ୍ଦାସ, ପୁଣି ବବି ଦେଖାଇଲେଣି ମାମଲାତି



ଭୁବନେଶ୍ୱର,୮।୪(ପି.ଏନ): ୱକଫ୍ ବିଲ୍ ପ୍ରସଙ୍ଗରେ ବିଜେଡିରେ ଉଠିଥିବା ଝଡ ଏବେ ଦଳକୁ ଦୁଇଫାଳ କରିସାରିଲାଣି । ଦଳୀୟ ବିଶୃଙ୍ଖଳା ଚ଼ରମସୀମାରେ ପହଂଚ଼ିଲାଣି । ଦଳର ନେତାମାନେ ଯିଏ ଯାହା ପାରିଲା ଗଣମାଧ୍ୟମକୁ ଆସି ବୟାନ ଦେବାରେ ଲାଗିଲେଣି । ତଥାପି 'ରୋମ ଜଳୁଥିବାବେଳେ ନିରୋଙ୍କ ବଂଶୀବାଦନ'ଭଳି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ନବୀନ ନିବାସରେ ବିନ୍ଦାସରେ ଅଛନ୍ତି। ନା ମୁହଁ ଖୋଲୁଛନ୍ତି ନା ବ?ୁଥିବା ଦଳୀୟ ଅରାଜକତାକୁ ପ୍ରଶମିତ ପାଇଁ ଆକ୍ସନ ନେଉଛନ୍ତି । ଏସବୁ ଭିତରେ ବିଜେଡିର ଅଘୋଷିତ ସର୍ବ?ସର୍ବା ଭିକେ ପାଣ୍ଡିଆନଙ୍କ ଆତ୍ମଘୋଷିତ କ୍ରୀତଦାସ ପ୍ରଣବପ୍ରକାଶ ଦାସ ଓରଫ ବବି ଆଜି ଦୀର୍ଘଦିନ ପରେ ପୁଣିଥରେ ନବୀନ ନିବାସରେ ନିଜର ମାମଲାତି ଦେଖାଇବା ଆରମ୍ଭ କରିଛନ୍ତି । ନବୀନଙ୍କ ଉପସ୍ଥିତିରେ ବବି ଆଜି ନବୀନ ନିବାସ ଯାଇଥିବା ଦଳର ବରିଷ୍ଠ ନେତାମାନଙ୍କ ଉପରେ ହାକିମାତି ଦେଖାଇଥିଲେ ମଧ୍ୟ ନବୀନଙ୍କ ନିରବତାକୁ ନେଇ ପ୍ରଶ୍ନ ଉଠିଛି।ଚ଼ର୍ଚ୍ଚା ହେଉଛି, ନବୀନଙ୍କୁ ଭେଟୁଥିବା ନେତାମାନେ କିଏ କ'ଣ କହିଲା ତାହା ଉପରେ ନଜର ରଖିବାକୁ ପାଣ୍ଡିଆନ ହିଁ ବବିଙ୍କୁ ନବୀନ ନିବାସ ପଠାଇଥିଲେ । ଆଜିର ବୈଠକରେ ସାମିଲ ଥିବା ନେତାମାନଙ୍କ ସୂତ୍ର ଅନୁସାରେ, ଦଳରେ ଏତେ ବଡ ଅସ୍ଥିରତା ଜାରି ରହିଥିଲେ ମଧ୍ୟ ନବୀନ ସେସବୁ ପାଇଁ ଚ଼ିନ୍ତିତ ଥିବା ଭଳି ତାଙ୍କ 'ବଡି ଲାଙ୍ଗୁଏଜ୍ ?' ଓ ଆଚ଼ରଣରୁ ଜଣାପଡୁନଥିଲା। ଅନ୍ୟପକ୍ଷରେ ଦଳୀୟ କନ୍ଦଳକୁ ଅଧିକ ଗୋଳିଆ କରିବାକୁ ପାଣ୍ଡିଆନ ଓ ବବି ନିଜର ଗୋଟିଚ଼ାଳନା କରୁଥିବା ଚ଼ର୍ଚ୍ଚା ହେଉଛି।

ନବୀନଙ୍କୁ ଭେଟିଲେ ବରିଷ୍ଠ ନେତା, ମାମଲାତି କଲେ ବବି

ନବୀନ ନିବାସ ସୂତ୍ର ଅନୁସାରେ, ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଭେଟିବାକୁ ଦଳର ବରିଷ୍ଠ ନେତା ଏୟୁ ସିଂହଦେଓ ଓ ତାଙ୍କପୁଅ କଳିକେଶ ସିଂହଦେଓ, ପ୍ରସନ୍ନ ଆଚ଼ାର୍ଯ୍ୟ, ଦେବୀ ମିଶ୍ର ଓ ପ୍ରତାପ ଦେବ ଯାଇଥିଲେ । ଏହି ନେତାମାନେ ନବୀନଙ୍କୁ ଭେଟିବାକୁ ଯାଇଥିବା ଖବର ପାଇବା ପରେ ବବି ସଙ୍ଗେସଙ୍ଗେ ନବୀନ ନିବାସ ଧାଇଁଥିଲେ । ଯଦିଓ ନବୀନ ନିବାସରୁ ବବିଙ୍କୁ ଡକାଯାଇନଥିଲା କିମ୍ବା ତାଙ୍କ ଦ୍ୱାରା କୌଣସି କାର୍ଯ୍ୟ ନଥିଲା । ପରେ ଦଳର ଆଗଧାଡିର ନେତା ସଞ୍ଜୟ ଦାସବର୍ମା, ଅରୁଣ ସାହୁ ଓ ଅତନୁ ସବ୍ୟସାଚ଼ୀ ନାୟକ ମଧ୍ୟ ନବୀନ ନିବାସ ଯାଇଥିଲେ । ନବୀନ ସମସ୍ତଙ୍କୁ ଏକାଠି ବସାଇ ଅଳ୍ପ ସମୟ କଥା ହୋଇ ଭିତରକୁ ପଳାଇଥିଲେ । ନବୀନଙ୍କ ଉପସ୍ଥିତିରେ ସାଂଗଠନିକ ନିର୍ବାଚ଼ନକୁ ନେଇ ଚ଼ାଲିଥିବା ଆଲୋଚ଼ନାରେ ବବି ପୁଣିଥରେ ପୁରୁଣା ଢଙ୍ଗରେ ହାକିମାତି ଦେଖାଇଥିଲେ ।

## ଓପିଏସସି ବିଜ୍ଞପ୍ତିକୁ ନେଇ ଉଠିଲା କେଁ, ସିଭିଲ ସର୍ଭିସ ପରୀକ୍ଷାରେ ସଂରକ୍ଷଣରେ ଅସଂଗତି ଅଭିଯୋଗ



ଭୁବନେଶ୍ୱର,୮।୪(ପି.ଏନ):୨୦୨୫ ଓଡିଶା ସିଭିଲ ସର୍ଭିସ ପରୀକ୍ଷା ବିଜ୍ଞପ୍ତିକୁ ନେଇ କେଁ । ସଂରକ୍ଷିତ ବର୍ଗଙ୍କ ପାଇଁ ୫୦ ପ୍ରତିଶତରୁ ଅଧିକ ପଦବୀ ରହୁଛି ସଂରକ୍ଷିତ । ଯାହାକି ସୁପ୍ରିମକୋର୍ଟଙ୍କ ଦ୍ୱାରା ଧାର୍ଯ୍ୟ ନିୟମ ଓ ୧୯୭୫ ଓଆର୍ଭି ଆଇନ ଧାରା ୭ର ଖୋଲା ଉଲ୍ଲଂଘନ । ଏ ନେଇ ଅଭିଯୋଗ କରିଛନ୍ତି ସଚ଼ିବାଳୟ ସେବା କ୍ୟାଡରର ପୂର୍ବତନ ଅଧିକାରୀ । ଚ଼ଳିତ ବର୍ଷ ଡଇଝ, ଡଉଝ,ଡଉଝ ଓ ଡଜଝ ସେବାର ୨୦୦ ପଦବୀ ପୂରଣ ପାଇଁ ଓଡ଼ିଶା ଲୋକସେବା ଆୟୋଗ ୨୦୨୫ ସିଭିଲ ସର୍ଭିସ ନିଯୁକ୍ତି ପରୀକ୍ଷା ପାଇଁ ବିଜ୍ଞପ୍ତି ପ୍ରକାଶ କଲେ ।ସେଥିରେ ସଦ୍ୟ ଖାଲି ପଦବୀ ସହିତ ଏକସଙ୍ଗେ ବଳକା ସଂରକ୍ଷିତ ବର୍ଗଙ୍କ ପାଇଁ ଖାଲି ପଦବୀ ପ୍ରକାଶ କରିଛନ୍ତି । ଯାହାକି ନିୟମ ବିରୁଦ୍ଧ ।ପୂର୍ବତନ ଅଧିକାରୀଙ୍କ ମତରେ ସିଭିଲ ସର୍ଭିସ ମେଧା ଚ଼ୟନ ବିଜ୍ଞପ୍ତିରେ ସାଧାରଣ ବର୍ଗ ଓ ସଂରକ୍ଷିତ ବର୍ଗ ବି ସାମିଲ । କିନ୍ତୁ କୌଣସି ବି ସ୍ଥିତିରେ ଗୋଟିଏ ବିଜ୍ଞପ୍ତିରେ ବ୍ୟାକ ଲଗ୍ ଖାଲି ପଦବୀ ପୂରଣ ନେଇ ପରୀକ୍ଷା କରାଯାଇପାରିବନି । ଏପରି କଲେ ସଂରକ୍ଷିତ ବର୍ଗଙ୍କ ପାଇଁ ସ୍ୱତନ୍ତ୍ର ନିଯୁକ୍ତି ଡ୍ରାଇଭର ଅର୍ଥ କଣ ରହିବ ? ଏହାଦ୍ୱାରା ସରକାରୀ ପଦୋନ୍ନତି କ୍ଷେତ୍ରରେ ଅସଂଗତି ସୃଷ୍ଟି ହେବ । ପିଛିଲା ବର୍ଷର ସଂରକ୍ଷିତ ପଦବୀକୁ ଚ଼ଳିତବର୍ଷ ସଂରକ୍ଷିତ ପଦବୀ ସହିତ ମିଶାଇ ହିସାବ କରିବା ପରିବର୍ତ୍ତ ? ତାକୁ ପୃଥକ ଭାବେ ହିସାବ କରାଯାଇଛି । ପ୍ରକାଶିତ ବିଜ୍ଞପ୍ତିରେ ଶବ୍ଦକୁ ଏପଟସେପଟ କରି ବ୍ୟାକ୍ ଲଗ୍ ଖାଲି ପଦବୀ ପୂରଣ ପାଇଁ ସୁଯୋଗ ସୃଷ୍ଟି କରାଯାଇଥିବା ଅଭିଯୋଗ ହୋଇଛି ।ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଓଏଏସର ୩୦ ପଦବୀ ମଧ୍ୟରୁ ୧୫ ପଦବୀ ବଦଳରେ ମାତ୍ର ୬ଟି ପଦବୀ ସାଧାରଣ ବର୍ଗଙ୍କ ପାଇଁ ରହିଛି । ଓଏଫଏସ ୪୬ ପଦବୀରୁ ୨୩ଟି ପଦବୀ ସାଧାରଣ ବର୍ଗଙ୍କ ପାଇଁ ରହିବା ବଦଳରେ ମାତ୍ର ୧୭ଟି ରଖାଯାଇଛି । ସେହିପରି ଓଡ଼ିଶା ରାଜସ୍ୱ ସେବାରେ ମଧ୍ୟ ଅସଂଗତି ରହିଥିବା ଅଭିଯୋଗ ହୋଇଛି । ଖୋଦ ସାଧାରଣ ବର୍ଗର ଆଶାୟୀ ପ୍ରାର୍ଥୀଙ୍କ ଅଭିଯୋଗ ଏବର ସରକାରଙ୍କ ସମୟରେ ସାଧାରଣ ବର୍ଗର ପ୍ରାର୍ଥୀ ପ୍ରତିଯୋଗିତା ମୂଳକ ନିଯୁକ୍ତି ପରୀକ୍ଷା ପାଇଁ ବର୍ଷ ତମାମ ପ୍ରସ୍ତୁତ ହେଉଥିବାବେଳେ ସେମାନଙ୍କ ପାଇଁ ନିଯୁକ୍ତି ପଦବୀ କମ୍ ପ୍ରକାଶ ପାଉଛି । ଏ ଦିଗଟିକୁ ସରକାର ବିଚ଼ାର କରିବା ଆବଶ୍ୟକ ।

## ମାସ ଶେଷ ସୁଦ୍ଧା ପୁରୀ ଶ୍ରୀମନ୍ଦିରରେ ଧାଡି ଦର୍ଶନ



ପୁରୀ,୮।୪(ପି.ଏନ): ଚ଼ଳିତ ମାସ ଶେଷ ସୁଦ୍ଧା ଶ୍ରୀଜିଉଙ୍କ ହେବ ଧାଡି ଦର୍ଶନ ବ୍ୟବସ୍ଥା। ସୂଚ଼ନା ଦେଲେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚ଼ନ୍ଦନ। ବ୍ରହ୍ମପୁରରେ ତାରାତାରେଣୀ ଦର୍ଶନ ବେଳେ ଏହି ସୂଚ଼ନା ଦେଇଛନ୍ତି ଆଇନମନ୍ତ୍ରୀ।କହିଛନ୍ତି ସପ୍ତାହେ ମଧ୍ୟରେ ଶ୍ରୀମନ୍ଦିର ପରିଚ଼ାଳନା କମିଟି ହୋଇଯିବ। ଏହା ପରେ ହୁଣ୍ଡି ଉଠାଇବା ନୀତି ଅନୁଷ୍ଠିତ ହେବ। ପରିଚ଼ାଳନା କମିଟିର ପ୍ରସ୍ତାବ ଓ ସରକାରଙ୍କ ଅନୁମତି ପରେ ହୁଣ୍ଡି ସ୍ଥାନାନ୍ତର ହେବ।ଧାଡି ଦର୍ଶନ ପାଇଁ ସମସ୍ତ ବ୍ୟବସ୍ଥା ସରିଥିବା କହିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚ଼ନ୍ଦନ। ଶୃଙ୍ଖଳିତ ଦର୍ଶନ ପାଇଁ ଧାଡି ଦର୍ଶନ ବ୍ୟବସ୍ଥା କରାଯିବ ।

### ମାଟି ଚୋରି କରୁଥିଲେ ମାଫିଆ : ବିରୋଧ କରିବାରୁ ଖଣ୍ଡାରେ ହାଣି କଲେ ଲହୁଲୁହାଣ

ଭୁବନେଶ୍ୱର,୮।୪(ପି.ଏନ): ରାତି ଅଧରେ ସରକାରୀ ଜାଗାରୁ ମାଟି ଚୋରି କରୁଥିଲେ । ବିରୋଧ କରିବାରୁ ୩ ଜଣ ଯୁବକଙ୍କୁ ଖଣ୍ଡାରେ ହାଣି ଲହୁଲୁହାଣ କରିଛନ୍ତି ମାଟି ମାଫିଆ । ରାଜଧାନୀ ଉପକଣ୍ଠ ବାଲିଅନ୍ତା ଅଂଚ଼ଳରେ ବର୍ବରତାର ସୀମା ଟପି ଯାଇଛନ୍ତି ମାଟି ମାଫିଆ । ଗୁରୁତର ଅବସ୍ଥାରେ ୩ ଯୁବକଙ୍କୁ ପ୍ରଥମେ କ୍ୟାପିଟାଲ୍ ପରେ ଏମ୍ସ ଏବଂ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ।ସୋମବାର ବିଳମ୍ବିତ ରାତି ପ୍ରାୟ ୨ ଟାରେ ବାଲିଅନ୍ତା ତହସିଲ୍ ଅଧିନ ଜିତିକାଲସୁଆଁଲୋ ଗାଁରେ ଥିବା ଗୋଚ଼ର ଜମିରୁ ମାଟି ମାଫିଆ ମାଟି ଚୋରି କରୁଥିଲେ । ଏହି ଖବର ନିକଟସ୍ଥ ଗଡ଼ଭିଙ୍ଗାରପୁର ଗାଁର କିଛି ଯୁବକ ପାଇଥିଲେ । ତୁରନ୍ତ ଯୁବକ ମାନେ ଘଟଣା ସ୍ଥଳରେ ପହଞ୍ଚିଥିଲେ । ସେତେବେଳେ ୨ଟି ଜେସିବି ମେସିନ ଯୋଗେ ହାଇୱା ଟ୍ରକ୍ ରେ ଲୋଡ କରାଯାଇ ମାଟି ଚୋରି ହେଉଥିଲା । ଯୁବକ ମାନେ ଏହାକୁ ବିରୋଧ କରିବାରୁ ସେଠାରେ ଉପସ୍ଥିତ ମାଟି ମାଫିଆ ମାନେ ଗାଳି ଗୁଲଜ କରି ମାଡ଼ ମାରିଥିଲେ । ପରେ ପ୍ରାୟ ୨୦ ଜଣ ମାଟି ମାଫିଆ ଏବଂ ତାଙ୍କ ସହଯୋଗୀ ଘଟଣା ସ୍ଥଳରେ ପହଞ୍ଚି ଲୁହା ରଡରେ ମାଡ ମାରିବା ସହ ଖଣ୍ଡାରେ ହାଣି ପକାଇଥିଲେ । ଖବର ପାଇ ଗ୍ରାମବାସୀ ଘଟଣା ସ୍ଥଳକୁ ଗୋଡି ଯାଇଥିଲେ । ଘଟଣା ସ୍ଥଳରୁ ରକ୍ତ ଜୁଡୁବୁଡୁ ଗୁରୁତର ୩ ଜଣ ଯୁବକଙ୍କୁ ଉଦ୍ଧାର କରିଥିଲେ ।

## କଂଗ୍ରେସର ମେ ୩ୟ ସପ୍ତାହ ସୁଦ୍ଧା ମାଟ୍ରିକ ରେଜଲ୍ଟ: ସୂଚ଼ନା ଦେଲେ ବୋର୍ଡ ସଭାପତି



ଭୁବନେଶ୍ୱର,୮।୪(ପି.ଏନ): ମେ ମାସ ୩ ୟ ସପ୍ତାହ ସୁଦ୍ଧା ବାହାରିବ ମାଟ୍ରିକ ପରୀକ୍ଷା ଫଳ। ଏହି ସୂଚ଼ନା ଦେଇଛନ୍ତି ବୋର୍ଡ ସଭାପତି। ସେ କହିଛନ୍ତି ଖାତା ଦେଖାରେ ସାମାନ୍ୟ ବିଳମ୍ବ ହୋଇଛି। ୨ ରୁ ୩ ଦିନ ଭିତରେ ସରିବ ଖାତାଦେଖା କାର୍ଯ୍ୟ।। ଫେବ୍ରୁଆରୀ ୨୧ରୁ ପରୀକ୍ଷା ଆରମ୍ଭ ହୋଇ ମାର୍ଚ୍ଚ ୬ରେ ଶେଷ ହୋଇଥିଲା। ଏଥର ୫ ଲକ୍ଷ ୨୦ ହଜାରରୁ ଅଧିକ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି।ବିଧାନସଭା ଘେରାଉ ବେଳେ ଗଣ୍ଡଗୋଳ ପ୍ରସଙ୍ଗ : କଂଗ୍ରେସର ସବୁ ବିଧାୟକଙ୍କ ବିରୋଧରେ ମାମଲା ଦାୟର

ଭୁବନେଶ୍ୱର,୮।୪(ପି.ଏନ): ଗତ ୨୭ ତାରିଖ କଂଗ୍ରେସର ବିଧାନସଭା ଘେରାଉ ବେଳେ ଉପୁଜିଥିବା ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ପିସିସି ସଭାପତିଙ୍କ ସମେତ କଂଗ୍ରେସର ସବୁ ବିଧାୟକଙ୍କ ବିରୋଧରେ ମାମଲା କରିଛି ପୋଲିସ। କ୍ୟାପିଟାଲ ଥାନା ପିସିସି ସଭାପତିଙ୍କ ସମେତ ୫ ହଜାରରୁ ଅଧିକ କଂଗ୍ରେସ କର୍ମୀଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ବିଏନଏସ ୧୮୯(୨), ୧୯୧(୨), ୧୨୬(୨), ୧୩୨, ୧୨୧(୧), ୩୨୪(୪)ରେ ମାମଲା ରୁଜୁ ହୋଇଛି। ଏହାକୁ ନେଇ ଆଜି ପିସିସି ସଭାପତି ଓ ସବୁ ବିଧାୟକ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଛନ୍ତି। ରାଜ୍ୟରେ ମହିଳା ନିର୍ଯାତନା ରୋକିବାରେ ରାଜ୍ୟ ସରକାରଙ୍କ ବିଫଳତା ବିରୋଧରେ କଂଗ୍ରେସ ବିଧାନସଭା ଘେରାଉ କରିଥିଲା। ତାପୂର୍ବରୁ ବିଧାନସଭାରେ କଂଗ୍ରେସ ଏହାକୁ ନେଇ ବାରମ୍ବାର ହଟ୍ଟଗୋଳ କରି ଗାନ୍ଧି ମୂର୍ତ୍ତି ତଳେ ଧାରଣା ଦେଇ ଆସୁଥିଲା। କିନ୍ତୁ ସରକାରୀ ଦଳ କଂଗ୍ରେସ ବିଧାୟକଙ୍କ ଉଦବେଗକୁ ଗୁରୁତ୍ୱ ଦେବା ବଦଳରେ ସବୁ ବିଧାୟକଙ୍କୁ ନିଲମ୍ବନ କରିଥିଲା।

## ସୁନ୍ଦରଗଡ଼ ଚୋରା କୋଇଲା ଖଣି ଘଟଣା : ୩ ଦିନରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଲେ ଜିଲ୍ଲାପାଳ

ଭୁବନେଶ୍ୱର,୮।୪(ପି.ଏନ): ସୁନ୍ଦରଗଡ଼ ଚୋରା କୋଇଲା ଖଣିର ତଦନ୍ତ ନିର୍ଦ୍ଦେଶ । ଏହି କୋଇଲା ଖଣିରୁ କୋଲ୍ ୱାସେରିକୁ କୋଇଲା ଯାଉଥିଲା କି? ତାହାରର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ରିପୋର୍ଟ ଦେବାକୁ ସୁନ୍ଦରଗଡ଼ ଉପଜିଲ୍ଲାପାଳ, ଡେପୁଟି ଡିରେକ୍ଟର ମାଇନ୍ସ ଓ ହେମଗିରି ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ସୁନ୍ଦରଗଡ଼ ଜିଲ୍ଲାପାଳ। ତିନି ଦିନ ମଧ୍ୟରେ ତଦନ୍ତ ସାରିବାକୁ କୁହାଯାଇଛି। ତେଲେନଡ଼ିହି ଜଙ୍ଗଲରୁ ଚୋରାରେ ଚ଼ାଲିଥିଲା କୋଇଲା ଖନନ ଓ ଚ଼ାଲାଣ।କୋଲ ୱାସେରି ଓ କୋଲ ଡିପୋକୁ କୋଇଲା ଯାଉଥିବା ସନ୍ଦେହ କରାଯାଉଛି। ତେଣୁ ଏହି ଅଂଚ଼ଳର ସମସ୍ତ କୋଲ ୱାସେରି ଓ କୋଲ ଡିପୋକୁ ଯାଞ୍ଚ କରିବା ସହ ଷ୍ଟକର ହିସାବ ନେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ହିସାବରୁ ବେଶୀ କୋଇଲା ବାହାରିଲେ, କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ସୁନ୍ଦରଗଡ଼ ଜିଲ୍ଲାପାଳ। ସେପଟେ ପୁଣି ଆକ୍ସନ ମୋଡ୍ ରେ ସୁନ୍ଦରଗଡ଼ ଜିଲ୍ଲା ପ୍ରଶାସନ। ଆଜି ପୁଣି ବେଆଇନ କୋଇଲା ଖଣି ଉପରେ ଚ଼ଡ଼ଉ ଚ଼ାଲିଛି।ଗୋପାଳପୁର ପଞ୍ଚାୟତ ରତନସରାରେ ଚ଼ଢ଼ାଉ କରିଛି ମିଳିତ ଟିମ୍। ରତନସରାରେ ୧୦ ରୁ ଅଧିକ ବେଆଇନ କୋଇଲା ଖଣି ଠାବ ହୋଇଛି। ଜିଲ୍ଲାପାଳଙ୍କ କଡ଼ା ନିର୍ଦ୍ଦେଶ ପରେ ଆଜି ପୁଣି ରେଡ୍ କରାଯାଉଛି। ବିପୁଳ ମାତ୍ରାରେ କୋଇଲା ଉତ୍ତୋଳନ ପରେ ଗଚ଼ଛିତ ରଖାଯାଇଛି । ନାଳ କଡ଼ରେ, ରୟତି ଜମିରେ ବି ବେଆଇନ ଭାବେ ଖନନ କରି କୋଇଲା ବାହାର କରାଯାଇଛି।

## ଚ଼ତୁର୍ଥ ପର୍ଯ୍ୟାୟକୁ ଗଲା ପ୍ରକ୍ରିୟା, ଖୁବଶୀଘ୍ର ବିଜେଡି ଜିଲ୍ଲା ସଭାପତି ଓ ରାଜ୍ୟ ପରିଷଦ ନିର୍ବାଚ଼ନ



ଭୁବନେଶ୍ୱର,୮।୪(ପି.ଏନ): ବିଜୁ ଜନତା ଦଳର ନବକଳେବର ହେବାକୁ ଯାଉଛି । କିଛି ମାସ ତଳେ ଦଳର ଛାମୁଆ ସଂଗଠନ ଗୁଡ଼ିକୁ ଭାଙ୍ଗି ନିର୍ବାଚ଼ନ ପ୍ରକ୍ରିୟାକୁ ଓହ୍ଲାଇଥିଲା ବିଜୁ ଜନତା ଦଳ । ଚ଼ଳିତ ଏପ୍ରିଲ ମାସ ଶେଷ ସୁଦ୍ଧା ବିଜୁ ଜନତା ଦଳର ସାଙ୍ଗଠନିକ ନିର୍ବାଚ଼ନ ସଂପୂର୍ଣ୍ଣ କରିବାକୁ ଜିଲ୍ଲା ଓ ନିର୍ବାଚ଼ନ ମଣ୍ଡଳୀ ସ୍ତରରେ ଚ଼ାଲିଥିବା କସରତ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ଗତକାଲି ୩୩ ଟି ସାଂଗଠନିକ ଜିଲ୍ଲାର ଜିଲ୍ଲା ନିର୍ବାଚ଼ନ ଅଧିକାରୀମାନେ ଏଆରଓମାନଙ୍କ ତାଲିକା ସହ ଫୋନ ନମ୍ବର ଓ ଠିକଣା ସହ ପେ?ର ଓ ପଞ୍ଚାୟତ ୱାର୍ଡ ସଭାପତି, ବ୍ଲକ ସଭାପତି ମାନଙ୍କ ଫୋନ ନମ୍ବର ଏବଂ ଠିକଣା ରାଜ୍ୟ ନିର୍ବାଚ଼ନ ଅଧିକାରୀ ପ୍ରତାପ ଦେବଙ୍କ ପାଖରେ ଦାଖଲ କରିଥିଲେ । ଆଜି ଏ ସବୁ ନେଇ ପ୍ରସ୍ତୁତିର ଚୂଡ଼ାନ୍ତ ରିପୋର୍ଟ ବିଜେଡି ସୁପ୍ରିମୋଙ୍କୁ ପାଖରେ ସେ ଦାଖଲ କରିଛନ୍ତି । ଏଥିସହ ଦଳର ଅନ୍ୟ ବରିଷ୍ଠ ନେତାମାନଙ୍କ ଫିଡବ୍ୟାକ ବି ନିଆଯାଇଥିଲା । ସାଂଗଠନିକ ନିର୍ବାଚ଼ନର ୬ଟି ପର୍ଯ୍ୟାୟରୁ ତୃତୀୟ ପର୍ଯ୍ୟାୟ ନିର୍ବାଚ଼ନ ଶେଷ ହୋଇଛି । ଚ଼ତୁର୍ଥ ପର୍ଯ୍ୟାୟକୁ ଯାଇଛି ପ୍ରକ୍ରିୟା । ଖୁବଶୀଘ୍ର ଜିଲ୍ଲା ସଭାପତି ଚ଼ୟନ କାର୍ଯ୍ୟ ସମାପ୍ତ ହେବ । ଏହା ପରେ ୫ମ ପର୍ଯ୍ୟାୟରେ ରାଜ୍ୟ ପରିଷଦ ଓ ରାଜ୍ୟ କାର୍ଯ୍ୟକାରୀ କମିଟି ଗଠନ କରାଯାଇ ଦଳର ସଭାପତି ନିର୍ବାଚ଼ନ କାର୍ଯ୍ୟ ସଂପୂର୍ଣ୍ଣ ହେବ । ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଦଳ ପୁଣି ଥରେ ଆଗେଇବାକୁ ସମସ୍ତେ ଅଣ୍ଟା ଭିଡ଼ିଛନ୍ତି। ଏହି ନିର୍ବାଚ଼ନ ପ୍ରକ୍ରିୟାରେ ତୃଣମୂଳ ସ୍ତରରୁ ରାଜ୍ୟସ୍ତର ଯାଏଁ ଦଳର ଯୁବ, ଛାତ୍ର, ମହିଳା ଓ ସାଧାରଣ ଛାମୁଆଁ ସଂଗଠନର ସଦସ୍ୟମାନେ ସକ୍ରିୟ ଭାବେ ଭାଗ ନେଉଛନ୍ତି । ରାଜ୍ୟର ସମସ୍ତ ପଞ୍ଚାୟତ, ବ୍ଲକ ଓ ସହରାଞ୍ଚଳର ୱାର୍ଡ ଏବଂ ସହରାଞ୍ଚଳ ସଭାପତି ଓ ସମସ୍ତ କମିଟି ଗଠନ କାର୍ଯ୍ୟ ସଂପୂର୍ଣ୍ଣ ହୋଇଯାଇଛି । ଜିଲ୍ଲା ସଭାପତି ଓ ବ୍ଲକ ସଭାପତି ଚ଼ୟନ ନେଇ ବି ନବୀନ କରିଛନ୍ତି ସମୀକ୍ଷା । କେମିତି ଚ଼ାଲିଛି ଚ଼ୟନ ଓ କେଉଁଠି ରହୁଛି ଅସୁବିଧା, ତାହା ସମସ୍ତଙ୍କଠାରୁ ସେ ଟିକିନିଖି ବୁଝିଛନ୍ତି । ବିଜେଡିର ସାଂଗଠନିକ ନିର୍ବାଚ଼ନରେ ଦଳର ବାଇ-ଲ'ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ନୂଆ ପଦ ସୃଷ୍ଟି ହେଉ କି କାହାକୁ ପଦୋନ୍ନତି, ତାହା ନେତାଙ୍କ ପ୍ରଦର୍ଶନ ଓ ଗ୍ରହଣୀୟତା ଉପରେ ନିର୍ଭର କରେ ।

## ପ୍ରସ୍ତୁତ ହେବ କଂଗ୍ରେସ ରଣନୀତି : ଅହମ୍ମଦାବାଦରେ କଂଗ୍ରେସର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକାରିଣୀ ବୈଠକ



ଭୁବନେଶ୍ୱର,୮।୪(ପି.ଏନ): ଅହମ୍ମଦାବାଦ କଂଗ୍ରେସ କାର୍ଯ୍ୟକାରିଣୀରେ ବିଜେପିର ସାମ୍ପ୍ରଦାୟିକ ନୀତିକୁ ଟାର୍ଗେଟ। ଦେଶରେ ସାମ୍ପ୍ରଦାୟିକ ବିଭାଜନ କରିବା ଲାଗି ବିଜେପି ଉଦ୍ୟମ କରୁଥିବାରୁ ଏହା ବିରୋଧରେ ଅଭିଯାନ ଚ଼ାଲିବ ବୋଲି ହୋଇଛି ଘୋଷଣା। ଏହା ସହ ଦେଶର ସମ୍ପଦକୁ ଯେପରି ଭାବେ କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ହାତରେ ଟେକି ଦିଆଯାଇଛି ତାହାକୁ ସମାଲୋଚ଼ନା କରାଯାଇଛି। ଅହମ୍ମଦାବାଦ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ସ୍ମାରକୀସ୍ଥଳରେ ଆୟୋଜିତ ସମ୍ମିଳନୀରେ ସାଂଗଠନିକ ବିନ୍ୟାସ ଲାଗି ରୋଡମ୍ୟାପ ପ୍ରସ୍ତୁତ କରାଯାଇଛି। ବିଭିନ୍ନ ରାଜ୍ୟର ବିଧାନସଭା ନିର୍ବାଚ଼ନ, ବିଭିନ୍ନ ଦଳ ସହ ମେଣ୍ଟ ଆଦି ପ୍ରସଙ୍ଗରେ ବି ଆଲୋଚ଼ନା ହୋଇଥିବା ସୂଚ଼ନା ମିଳିଛି। ଦଳର ସାଂଗଠନିକ ବିକେନ୍ଦ୍ରୀକରଣ, ଚ଼ଳିତବର୍ଷ ଓ ଆସନ୍ତା ବର୍ଷ ପ୍ରାରମ୍ଭରେ ୬ଟି ରାଜ୍ୟର ବିଧାନସଭା ନିର୍ବାଚ଼ନ ହେବାକୁ ଯାଉଛି । ତା ପୂର୍ବରୁ କଂଗ୍ରେସକୁ ଅଧିକ ମଜଭୁତ କରିବା ଲାଗି ପଦକ୍ଷେପ ନିଆଯାଇଛି।କଂଗ୍ରେସ ସଭାପତି ଭାବେ ମହାତ୍ମା ଗାନ୍ଧୀ ନିର୍ବାଚ଼ିତ ହେବାର ୧୦୦ ବର୍ଷ ପୂର୍ତ୍ତିକୁ ଦୃଷ୍ଟିରେ ରଖି ଏହି କାର୍ଯ୍ୟକାରିଣୀ ଗୁରୁତ୍ୱ ବହନ କରୁଛି । ସାବରମତୀ ନଦୀ କୂଳରେ ଏହି କନଭେନସେନ ହେଉଛି । ଏଥିରେ ଦେଶର ଦୁଇ ହଜାରରୁ ଅଧିକ ନେତା ସାମିଲ ହୋଇଛନ୍ତି । ଏହା ସହ ଏଆଇସିସି ସଭାପତି ମଲ୍ଲିକର୍ଜୁନ ଖଡଗେ, ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ସୋନିଆ ଗାନ୍ଧୀ ପ୍ରମୁଖ ସାମିଲ ହୋଇଛନ୍ତି।

## ହୁତୁହୁତୁ ହୋଇ ଜଳିଗଲା ବ୍ୟାରିକେଡ୍



ପୁରୀ: ପୂର୍ତ୍ତବିଭାଗ କାର୍ଯ୍ୟାଳୟ ପଛ ପଟରେ ଥିବା ବ୍ୟାରିକେଡ୍ ?ର ହଠାତ୍ ଲାଗିଗଲା ନିଆଁ। ନିଆଁର ପ୍ରକୋପରେ ଲୁହା, ପ୍ଲାଷ୍ଟିକ ଓ କାଠରେ ତିଆରି ବ୍ୟାରିକେଡ ହୁତୁହୁତୁ ହୋଇ ଜଳିଗଲା। ଘଟଣା ସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ।ଆଜି ସକାଳେ ଘଟିଥିଲା ଏହି ଅଗ୍ନିକାଣ୍ଡ। ଅଗ୍ନିକାଣ୍ଡ ପାଇଁ ଧୂଆଁ ମୟ ହୋଇଯାଇଥିଲା ପୂରା ପରିବେଶ। ସ୍ଥାନୀୟ ଲୋକେ ଏହା ଦେଖି ଅଗ୍ନିଶମବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବ୍ୟାରିକେଡ ନିକଟରେ ଏଲଆଇସି କଲୋନୀ ସରକାରୀ କ୍ୱାର୍ଟର୍ସ, ଅତିରିକ୍ତ ଜିଲ୍ଲାପାଳ ଓ ସରକାରୀ ଅଧିକାରୀଙ୍କ କ୍ୱାର୍ଟର୍ସ ମଧ୍ୟ ଥିଲା। ହେଲେ କାହାର କିଛି କ୍ଷୟକ୍ଷତି ହୋଇ ନାହିଁ।




# ଛାଡପତ୍ର ପରେ ସାମନ୍ଥାଙ୍କ ପ୍ରଶଂସା କଲେ ନାଗା



ସାମନ୍ଥା ରୁଥ ପ୍ରଭୁ ଓ ନାଗା ଚୈତନ୍ୟ ସାଉଥ ଫିଲ୍ମ ଇଣ୍ଡଷ୍ଟ୍ରିର ସବୁଠାରୁ ପପୁଲାର ରିୟଲ ଲାଇଫ କପଲ ମଧ୍ୟରୁ ଅନ୍ୟତମ। ଏହି କପଲ ୨୦୧୦ରେ ଗୌତମ ବାସୁଦେବ ମେନନଙ୍କ ଫିଲ୍ମ 'ମାୟା ଚେସାବେ' ସମୟରୁ ଉଭୟଙ୍କ ମଧ୍ୟରେ ପ୍ରେମ ହୋଇଥିଲା। ଏହାପରେ ଏମାନେ ୨୦୧୭ରେ ବିବାହ କରିଥିଲେ। ହେଲେ ବିବାହ ପରେ ସାମନ୍ଥା ଓ ନାଗା ଚୈତନ୍ୟଙ୍କ ମଧ୍ୟରେ ସମ୍ପର୍କ ଭଲ ରହିଲା ନାହିଁ। ଏମାନେ ୨୦୨୧ରେ ଅଲଗା ହେବାକୁ ଆନାଉନ୍ସମେଂଟ କରିଦେଲେ। ଏବେ ନାଗା ତାଙ୍କ ତେଲଗୁ ଫିଲ୍ମ କ୍ୟାରିୟର ଉପରେ ଫୋକସ କରୁଥିବା ବେଳେ ଏପଟେ ସାମନ୍ଥା ଏବେ ଓଟିଟି ସ୍ପେଶ ଓ ବଲିଉଡରେ ନିଜକୁ ପ୍ରସ୍ତୁତ କରୁଛନ୍ତି। ଏସବୁ ଭିତରେ ଏକ ଲାଟେଷ୍ଟ ଇଂଟରଭ୍ୟୁରେ ନାଗା ତାଙ୍କ ଏକ୍ସ ୱାଇଫ ସାମନ୍ଥାଙ୍କର ପ୍ରଶଂସା କରିଛନ୍ତି। ଇ ଟାଇମକୁ ଦିଆଯାଇଥିବା ଏକ ନୂଆ ସାକ୍ଷାତକାରରେ ନାଗା ତାଙ୍କ ପୂର୍ବତନ ପତ୍ନୀ ସାମନ୍ଥାଙ୍କୁ ପ୍ରଶଂସା କରିଥିଲେ। ଯେଉଁଥିପାଇଁ ତାଙ୍କ ପ୍ରଶଂସକ ଏବଂ ନେଟେନିଜେନମାନେ ମଧ୍ୟ ଆଶ୍ଚର୍ଯ୍ୟ ହୋଇଥିଲେ। ଅଭିନେତା କହିଛନ୍ତି, "ହଁ, ଆମେ ଅଲଗା ହେବାର ଦୁଇ ବର୍ଷରୁ ଅଧିକ ସମୟ ହୋଇଗଲାଣି। ଏହା ସହ ଆନୁଷ୍ଠାନିକ ଭାବେ ଛାଡପତ୍ର ହେବାର ଗୋଟିଏ ବର୍ଷ ବିତିଗଲାଣି। କୋର୍ଟ ଆମକୁ ଛାଡପତ୍ର ଦେଇଛନ୍ତି। ଆମେ ଦୁହେଁ ଆମ ଜୀବନରେ ଆଗକୁ ବଢିଛୁ। ମୋ ଜୀବନର ତାଙ୍କ ପ୍ରତି ମୋର ବହୁତ ସମ୍ମାନ ଅଛି। ଆହୁରି କହିଛନ୍ତି କି ସାମନ୍ଥା ଜଣେ ସୁନ୍ଦର ବ୍ୟକ୍ତି ଏବଂ ସମସ୍ତ ସୁଖ ପାଇବାର ଯୋଗ୍ୟ। ଏହା କେବଳ ସେହି ସମୟରେ ହୋଇଥାଏ ଯେତେବେଳେ ମିଡିଆ ଅନୁମାନ ଲଗାଇଥାଏ କି ଆମ ମଧ୍ୟରେ କିଛି ଅଜବ କଥା ହେଉଛି। ଜନତାଙ୍କ ନଜରରେ, ସେହି ମ୍ୟୁଚୁଆଲ ରେସପେକ୍ଟ ଚାଲିଯାଇଥାଏ। ଆଉ ଏହାହିଁ ମୋତେ ଖରାପ ଲାଗିଥାଏ।



# ଛୁରୀର ଦାମ୍ ୪ ଲକ୍ଷ ଟଙ୍କା

କୌଣସି ଜିନିଷର ଦାମ୍ ତାର ଗୁଣବତା ଓ ବିଶେଷତ୍ୱ ଉପରେ ନିର୍ଭର କରିଥାଏ। କିଛି ଏମିତି ହିଁ ଏକ ଛୁରୀ ସହ ହୋଇଛି। ଯାହାକି ଲକ୍ଷ ଲକ୍ଷ ଟଙ୍କାରେ ବିକ୍ରି ହୋଇଛି। ଏହା ଡାମାସ୍କସ ଛୁରୀ ଭାବେ ଜଣା, ଯାହା ଜର୍ମାନୀରେ ମିଳେ। ଏହାକୁ ତିଆରି କରିବା ପଛରେ ଏକ ପରମ୍ପରା ଲୁଚି ରହିଛି, ଯାହା ଲୋକଙ୍କୁ ଖୁବ୍ ଆକର୍ଷିତ କରିଥାଏ। ଅନେକ ଦିନର ଏହି କଳା ଆଜି ବି ଜୀବିତ। ଏହାକୁ ତିଆରି କରିବାର କଳା ଖୁବ୍ ନିଆରା। ଛୁରୀ ଯେତେ ଅଧିକ ଗୁଣବତାର ହେବ, ଏହାର ଦାମ୍ ସେତିକି ଅଧିକ ହେବ। ଏହାର ଦାମ୍ ୫୦୦୦ ଡଲାର (ପାଖାପାଖି ୪ ଲକ୍ଷ ଟଙ୍କା)ରୁ ମଧ୍ୟ ଅଧିକ ହୋଇଥାଏ। ଏହାକୁ ଜର୍ମାନୀରେ ଦୁନିଆର ସବୁଠୁ ପୁରୁଣା ପେଶା ମଧ୍ୟରୁ ଗୋଟିଏ ଭାବେ ଜଣାଯାଏ। ଛୁରୀ ତିଆରି କରୁଥିବା ଲୋକଙ୍କ କହିବାନୁସାରେ, ଏହା ଅନେକ ପିଢି ଯାଏ ଚାଲିପାରେ। କିନ୍ତୁ କଥା ଏୟା ଯେ,ଏହାକୁ ତିଆରି କରିବା ବେଳେ ଅନେକ ଜିନିଷ ଉପରେ ଧ୍ୟାନ ଦେବାକୁ ହୋଇଥାଏ। ଏହାକୁ ତିଆରି କରିବାରେ ଦୁଇରୁ ତିନି ଦିନର ସମୟ ଲାଗିଥାଏ। ଏଥିପାଇଁ ଅଲଗା ଅଲଗା ପ୍ରକାରର ଅନେକ କର୍ଯ୍ୟର ସ୍ତରକୁ ଏକା ସାଥିରେ ରଖାଯାଏ। ଏହାକୁ ୧୨୦୦ ଡିଗ୍ରୀ ସେଲସିୟସ ତାପମାତ୍ରାରେ ଆକାର ଦିଆଯାଇ ଥାଏ ଏବଂ ଧିରେ ଧିରେ ଏହା ଆକର୍ଷଣୀୟ ହୋଇଥାଏ, ଯେଉଁଥିରେ ଷ୍ଟିଲ୍ ଆହୁରି ଉତମ ହୋଇଥାଏ। ଏମିତି କୁହାଯାଏ କି ଛୁରୀର ଗୁଣବତା ୩୬୦ ସ୍ତର ବିଶିଷ୍ଟ ହୋଇଥାଏ। ସୂଚନା ଯେ, ଡାମାସ୍କସ ଛୁରୀ ତିଆରି କରାଯିବାର ଟେକନିକ୍ ହଜାର ହଜାର ବର୍ଷର ପୁରୁଣା। ଏହାର ବ୍ୟବହାର ମଧ୍ୟକାଳରେ ମଧ୍ୟ ହେଉଥିଲା। ଏହୁ ଛୁରୀର ହ୍ୟାଣ୍ଡେଲକୁ ଅନେକ କାରିଗର କାଠ, ହାଡ଼ ବା ହାତୀ ଦାନ୍ତରେ ତିଆରି କରିଥାନ୍ତି। ଏଥିପାଇଁ ହାତୀ ଶିକାରୀ ହୋଇନଥାଏ, ବହୁ ପୂର୍ବରୁ ଥିବା ହାତୀ ଦାନ୍ତକୁ ବ୍ୟବହାର କରାଯାଇ ଥାଏ।

# ନାକ ସର୍ଜରୀ ପରେ ଡିପ୍ରେଶନକୁ ଚାଲିଯାଇଥିଲେ ପ୍ରିୟଙ୍କା

ଗ୍ଲୋବାଲ ଆଇକନ୍ ପ୍ରିୟଙ୍କା ଚୋପ୍ରାଙ୍କ ଫିଲ୍ମକୁ ହେଉ କି ବ୍ୟକ୍ତିଗତ କଥାକୁ ସବୁବେଳେ ଚର୍ଚ୍ଚାରେ ଥାଏ। ତେବେ ଏହି ମଧ୍ୟରେ ପ୍ରିୟଙ୍କା ମେଟ୍ ଗାଲା ଇଭେଂଟ ୨୦୨୩ରେ ତାଙ୍କ ଲୁକ୍ ?କୁ ନେଇ ଆଲୋଚନାକୁ ଆସିଥିଲେ। ବର୍ତମାନ ଏକ ସାକ୍ଷାତକାରରେ ପ୍ରିୟଙ୍କା ବଡ ଖୁଲାସା କରିଛନ୍ତି। ଯାହା ଶୁଣି ପ୍ରଶଂସକମାନେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। ସେ କହିଛନ୍ତି, ନାକ ସର୍ଜରୀ ଭୁଲ ହେବା ଯୋଗୁଁ ସେ ଡିପ୍ରେସନ୍‌ରେ ଥିଲେ। ନିକଟରେ ପ୍ରିୟଙ୍କାଙ୍କୁ 'ସିରିଏସ୍ ଏକ୍ସଏମ୍ ଦ ହାୱାର୍ଡ ଷ୍ଟ୍ରର୍ନ ଶୋ'ରେ ଦେଖିବାକୁ ମିଳିଥିଲେ। ଏହି ସମୟରେ ସେ ତାଙ୍କ ଲାଇଫ୍‌ର ଡାର୍କ ଫେଜ୍ ବିଷୟରେ ପ୍ରକାଶ କରିଥିଲେ। ସେ କହିଥିଲେ କି ଯେତେବେଳେ ତାଙ୍କ ନୋଜ୍ କ୍ୟାଭିଟିରେ ଏକ ପଲିପ୍‌କୁ ବାହାର କରାଯାଇଥିଲା।



ସେତେବେଳେ ତାଙ୍କ ଚେହେରା ବିକୃତ ଦେଖାଯାଉଥିଲା। ଏଥିପାଇଁ ସବୁବେଳେ ମାନସିକ ଅବସାଦରେ ରହୁଥିଲେ। ଭାବିଥିଲେ କ୍ୟାରିୟର ଆରମ୍ଭ ହେବା ପୂର୍ବରୁ ଶେଷ ହୋଇଗଲା। ମୁଁ ପୁରାପୁରି ଡରି ଯାଇଥିଲି। ମୋ' ମୁହଁ ସମ୍ପୂର୍ଣ୍ଣ ରୂପେ ବଦଳି ଯାଇଥିଲା। ଏପରିକି ନିଜ ପରିବର୍ତିତ ମୁହଁକୁ ମୁଁ ନିଜେ ଗ୍ରହଣ କରି ପାରୁ ନ ଥିଲି। ଏଥିପାଇଁ ୩ଟି ଫିଲ୍ମ ମୋ' ହାତରୁ ଖସି ଯାଇଥିଲା। ମୁଁ ଅବସାଦରେ ରହୁଥିବା ବେଳେ ଏଥିରୁ ମୁକୁଳିବାକୁ ଆଉ ଏକ ସର୍ଜରୀ ଆବଶ୍ୟକ ବୋଲି କହିଥିଲେ ଡାକ୍ତର। ପୁଣି ଏକ ସର୍ଜରୀ କଥା ଶୁଣି ମୁଁ ଭୟଭୀତ ହୋଇପଡ଼ିଥିବା ବେଳେ ମୋ' ବାପା ମୋ' ସପୋର୍ଟ ସିଷ୍ଟମ ହୋଇ ଛିଡ଼ା ହୋଇଥିଲେ। ଏପରିକି ମୋ ସର୍ଜରୀ ବେଳେ ସେ ମୋ' ସହ ଓଟି ଭିତରେ ରହିବେ ବୋଲି ବି କଥା ଦେଇଥିଲେ। ତାଙ୍କ କଥାକୁ ଭରସା କରି ପୁଣି ଥରେ ସର୍ଜରୀ କରିଥିଲି। ମୋ' ବାପାଙ୍କ ଆଶ୍ୱାସନା ଯୋଗୁ ମୁଁ ପୁଣି ଥରେ ନିଜ ଆତ୍ମବିଶ୍ୱାସ ଫେରି ପାଇଲି ବୋଲି କହିଛନ୍ତି ପ୍ରିୟଙ୍କା।

# ସ୍ୱାମୀ ବିଗ୍ନେଶ୍‌ଙ୍କ ସହ ମ୍ୟାଚ୍ ଦେଖିଲେ ନୟନତାରା

ଆଇପିଏଲ୍ ସିଜନ୍ -୧୬ ବର୍ତମାନ ଚର୍ଚ୍ଚାରେ ଅଛି। ପ୍ରତିଦିନ ଗୋଟିଏ କିମ୍ବା ଅନ୍ୟ ସେଲିବ୍ରେଟମାନେ ଷ୍ଟାଡିୟମରେ ଏକ ଆଇପିଏଲ୍ ମ୍ୟାଚ୍ ରେ ନଜର ଆସୁଛନ୍ତି। ଶନିବାର ସାଉଥ ସିନେମାର ଭେଟେରାନ ଅଭିନେତ୍ରୀ ନୟନ୍ତରା ଏବଂ ଅଭିନେତ୍ରୀଙ୍କ ସ୍ୱାମୀ ବିଗ୍ନେଶ ଶିବନ ମୟାଚ୍ ଦେଖିବାକୁ ପହଂଚିଥିଲେ। ମୁମ୍ବାଇ ଇଣ୍ଡିଆନ୍ସ ବନାମ ଚେନ୍ନାଇ ସୁପର କିଙ୍ଗ୍ସ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌ର ଉତ୍ସାହ ବଢାଇଥିଲେ। ଚେପାକ୍ ଷ୍ଟାଡିୟମରେ ପହଂଚିବା ଦୁହିଁଙ୍କୁ ଦେଖିବା ପରେ ଦର୍ଶକଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଥିଲା। ତାଙ୍କ ମୁହଁରେ ଉତ୍ସାହ ଓ ଆଗ୍ରହ ସହ ହସ ଫୁଟୁଥିଲା। ଆଇପିଏଲ୍ ଟିମ୍‌ର ଅଫିସିଆଲ୍ ଇନଷ୍ଟାଗ୍ରାମ ହ୍ୟାଣ୍ଡଲ୍‌ରେ ଫଟୋ ସେୟାର କରାଯାଇଛି। ଯେଉଁଥିରେ ନୟନ୍ତରା



ଏବଂ ତାଙ୍କ ସ୍ୱାମୀ ବିଗ୍ନେଶ ଶିବନ ଚେନ୍ନାଇ ଦଳକୁ ଉତ୍ସାହିତ କରୁଥିବା ଦେଖିବାକୁ ମିଳିଛି। ଉଭୟଙ୍କର ଗୋଟିଏ ନୁହେଁ ଅନେକ ଫଟୋ ଇଂଟରନେଟରେ ଭାଇରାଲ ହେବାରେ ଲାଗିଛି। ଷ୍ଟାଡିୟମରେ ନୟନ୍ତରାଙ୍କୁ ଦେଖି ଚେନ୍ନାଇର ପ୍ରଶଂସକଙ୍କ ଉତ୍ସାହ ବହୁତ ବଢିଯାଇଥିଲା। ଏହି ମ୍ୟାଚ୍ ସମୟରେ ନୟନ୍ତରାର ଅନେକ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏହି ଫଟୋରେ ଆପଣ ଦେଖିପାରିବେ ଯେ ସିଏସକେ ଅଧିନାୟକ ମହେନ୍ଦ୍ର ସିଂ ଧୋନିଙ୍କ ଏଂଟ୍ରି ଦେଖି ନୟନତାରା ମଧ୍ୟ ଜୋରରେ କରତାଳି ଦେଇଥିବାର ନଜର ଆସିଛନ୍ତି। ସୋସିଆଲ ମିଡିଆରେ ନୟନ୍ତରାଙ୍କର ବହୁତ ପ୍ରଶଂସକ ଅଛନ୍ତି। ସେ ମଧ୍ୟ ପ୍ରାୟତଃ ତାଙ୍କ ପ୍ରଶଂସକଙ୍କ ସହିତ କଥାବାର୍ତା କରନ୍ତି।



# ବକ୍ସ ଅଫିସ୍‌ରେ ଧମାଲ କରୁଛି 'ଦ କେରଳ ଷ୍ଟୋରୀ'

ସୁଦୀପ୍ତୋ ସେନଙ୍କ ନିର୍ଦ୍ଦେଶିତ ଫିଲ୍ମ 'ଦ କେରଳ ଷ୍ଟୋରୀ' ବର୍ତମାନ ଚର୍ଚ୍ଚାରେ ରହିଛି। ଟ୍ରେଲର ରିଲିଜ୍ ହେବା ପରେ ଚଳଚ୍ଚିତ୍ରଟି ବିବାଦ ଘେରକୁ ଆସିଥିଲା। ହେଲେ ଫିଲ୍ମର ରିଲିଜ୍ ଉପରେ ମଧ୍ୟ ନିଷେଧାଦେଶ ଜାରି କରାଯାଇଥିଲା। ସମସ୍ତ ବିବାଦ ପରେ ମଧ୍ୟ ଫିଲ୍ମ ୫ ମେ' ରେ ପ୍ରେକ୍ଷାଳୟରେ ମୁକ୍ତିଲାଭ ହୋଇଛି। କହିବାକୁ ଗଲେ ଫିଲ୍ମଟି ପ୍ରଥମ ଦିନରେ ଚମତ୍କାର କରିଥିଲା। ବର୍ତମାନ ଦ୍ୱିତୀୟ ଦିନରେ ମଧ୍ୟ ଫିଲ୍ମଟି ବହୁତ ଭଲ କଲେକସନ୍ ରୋଜଗାର କରିଛି। ଫିଲ୍ମ 'କେରଳ ଷ୍ଟୋରୀ' ବିଷୟରେ ସମଗ୍ର ଦେଶରେ ଆଲୋଚନା କରାଯାଉଛି। ଟ୍ରେଲର ରିଲିଜ ହେବା ପରଠାରୁ ଲୋକମାନେ ଫିଲ୍ମ ଦେଖିବାକୁ ଆଗ୍ରହୀ ଥିଲେ। ପ୍ରକୃତ ଘଟଣା ଉପରେ ଆଧାରିତ ଚଳଚ୍ଚିତ୍ରର ପ୍ରାରମ୍ଭିକ ସଂଗ୍ରହ ଅତ୍ୟନ୍ତ ଭଲ ଥିଲା ଏବଂ ବହୁତ ଭଲ କଲେକସନ କରିଥିଲା। ଏହି ଚଳଚ୍ଚିତ୍ର ଶୁକ୍ରବାର ଦିନ ୮ କୋଟି ଟଙ୍କା ବ୍ୟବସାୟ କରିଛି।




# ୨୭ତମ ନିର୍ମଳ ଟୁସୁ ମହୋତ୍ସବରେ ଟୁସୁ ଗୀତ,ମେଢ଼ ପ୍ରତିଯୋଗିତା ଏବଂ ଝୁମର ନୃତ୍ୟ ଅନୁଷ୍ଠିତ

ବେତନଟୀ,(ପି.ଏନ) : ମୟୁରଭଞ୍ଜର ଗଣ ପର୍ବ ମକର ସଂକ୍ରାନ୍ତି ଅବସରରେ ବେତନଟୀ ବଡ଼ସାହି ସୀମାନ୍ତ ଅଞ୍ଚଳ ମହୁଲିଆ ବନ୍ଧଠାରେ ରେ ନିର୍ମଳ ଟୁସୁ ମହୋତ୍ସବ କମିଟି ମହୁଲିଆ ଆନୁକୂଲ୍ୟରେ ୨୭ତମ ଟୁସୁ ମହୋତ୍ସବ ସଭାପତି ଉମାକାନ୍ତ ମହାନ୍ତ ଙ୍କର ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି କ୍ଷ ଏଥିରେ ଗ୍ରାମର ସବୁଠାରୁ ବୟସ୍କ ମହିଳା ବୈଶାଖୀ ମହାନ୍ତ ଙ୍କୁ ମୁଖ୍ୟ ଅତିଥି ଭାବରେ ଏବଂ ଟୁସୁ କମିଟିର ଉପଦେଷ୍ଟା ଭକ୍ତ ହରି ମୁର୍ମୁଙ୍କୁ ସମ୍ମାନିତ ଅତିଥି ଭାବରେ ଏବଂ ଝୁମର ଗବେଷକ ଡ଼କ୍ଟର ରମାକାନ୍ତ ମହାନ୍ତ ଙ୍କୁ ମୁଖ୍ୟ ବକ୍ତା ଏବଂ ସାମ୍ବାଦିକ ଗତିକୃଷ୍ଣ ମହାନ୍ତଙ୍କୁ ସମ୍ମାନିତ ବକ୍ତା ଭାବରେ ଚୟନ କରାଯାଇଥିଲା କ୍ଷ ଗବେଷକ ଡ଼କ୍ଟର ରମାକାନ୍ତ ମହାନ୍ତ ଯୋଗଦାନ କରି ଟୁସୁ ଦେବୀ ନାରୀ ଜାତିର ଗର୍ବ ଏବଂ ଗୌରବ, ନାରୀର ଇଜ୍ଜତ ନିଜ ଜୀବନ



ଠାରୁ ମଧ ଅଧିକ ମୂଲ୍ୟବାନ ଏହା ପ୍ରମାଣିତ କରିଥିଲେ ହିନ୍ଦୁ ରମଣୀ ଟୁସୁମିନି ବୋଲି କହିଥିଲେ ।ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଟୁସୁ କମିଟିର ସମ୍ପାଦକ ଦୈତାରୀ ମହାନ୍ତ, ଧନ୍ୟବାଦ ପ୍ରଦାନ କରିଥିଲେ ମହୁଲିଆ ସ୍କୁଲ ଚେୟାରମ୍ୟାନ ଭୀମ ଚରଣ ମହାନ୍ତ ।ମହୋତ୍ସବ କାର୍ଯ୍ୟକ୍ରମକୁ ସଂଯୋଜନା ଏବଂ ପରିଚାଳନା କରିଥିଲେ ନିର୍ମଳ ସମାଜର ସମ୍ପାଦକ ଶ୍ରୀକାନ୍ତ ମହାନ୍ତ ।ଏହି ଅବସରରେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଆସିଥିବା ଟୁସୁ ମେଢ଼ ଗୁଡିକ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା ।ଏଥିରେ ବିଜୟୀ ହୋଇ ପୁରସ୍କାର ଲାଭ କରିଥିବା ଟୁସୁ ମେଢ଼ ଗୁଡିକ ହେଉଛି, ତୁଳସୀଚଉରା, ଆଗୁଆଡ ଆଡ଼, ପୁରିନ୍ଦା, ଯୋଗିନୁଆ, ଖସାଡ଼ିହି ଏବଂ ହାତୀକୁଟ ।ସନ୍ଧ୍ୟାରେ ଅଧାପିକା ମାମିନା ମହାନ୍ତଙ୍କ ନିର୍ଦ୍ଦେଶନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ମହୁଲିଆ ସରକାରୀ ପ୍ରାଥମିକ ବିଦ୍ୟାଳୟର ଇକୋ କ୍ଲବର ଛାତ୍ରୀ ମାନେ, ସେମାନେ ହେଲେ ଭାଗ୍ୟଶ୍ରୀ ମହାନ୍ତ, ମମତା ମହାନ୍ତ, ଜ୍ୟୋସ୍ନାରାଣୀ ମହାନ୍ତ, ପୁଷ୍ପଲତା ମହାନ୍ତ, ପାପୁନି ମହାନ୍ତ ।ଏଥିରେ ସହଯୋଗ କରିଥିଲେ ରତିକାନ୍ତ ମହାନ୍ତ, ବେଣୁଧର ମହାନ୍ତ,ଦୁର୍ଗା ମହାନ୍ତ, ଲୋକନାଥ ମହାନ୍ତ, ମଦନମୋହନ ମହାନ୍ତ,ପିଣ୍ଟୁ ମହାନ୍ତ,,ସାନ ମହାନ୍ତ, ସୁବାସ , ମହାନ୍ତ,ମିଥୁନ ମହାନ୍ତ ରୁହ୍ୟା ସିଂ , ବାପି ସିଂ, ଜନ୍ମେଜୟ ମହାନ୍ତ,ତପନ ମହାନ୍ତ, ଡାକ୍ତର ଡାକ୍ତର ମହାନ୍ତ,ଦୀନ କୃଷ୍ଣ, ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ ।

# ଶ୍ରୀ ଜଗନ୍ନାଥ +୨ କଲେଜରେ ଛାତ୍ରୀ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦଯାପିତ

ବଡସାହି : ମୟୁରଭଞ୍ଜ ଜିଲ୍ଲା ବଡ଼ସାହି ବ୍ଲକ ଅଧିନ ବାଲିଯୋଡା ଠାରେ ଥିବା ଶ୍ରୀ ଜଗନ୍ନାଥ +୨ କଲେଜରେ ଛାତ୍ରୀ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଜାନୁଆରୀ ୯ ତାରିଖ ରୁ ଆରମ୍ଭ ହୋଇ ଜାନୁଆରି ୧୭ ତାରିଖ ରେ ଉଦଯାପିତ ହୋଇଯାଇଛି ।ଏହି ଉଦଯାପନ ଦିବସରେ କଲେଜ ର ଅଧକ୍ଷ ସନ୍ତୋଷ କୁମାର ଦାସ ସଭାପତିତ୍ୱ କରିଥିଲେ ।ପ୍ରୋଗ୍ରାମ ଅଫିସର ନାରାୟଣ ପୋଦାର ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ରେ ଏହି ୮ ଦିନିଆ ପ୍ରଶିକ୍ଷଣ ଶିବିର ସୁରଖୁର ରେ ହୋଇଯାଇଛି । ଏଥିରେ ମାଷ୍ଟର ଟ୍ରେନର ଭାବେ କ୍ରିଷ୍ଣା ରାଉତ ଛାତ୍ରୀ ମାନଙ୍କୁ ତାଲିମ ଦେଉଥିଲେ ।ଉଦଯାପନ ଦିବସରେ



ଭାଗନେଇଥିବା ଛାତ୍ରୀ ମାନଙ୍କୁ ଗୋଟିଏ ଗୋଟିଏ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା ।ଉକ୍ତ ସଭା କାର୍ଯ୍ୟ କୁ ଅଧାପକ ରାଜେଶ ସାହୁ ପରିଚାଳନା କରିଥିଲେ ।ଏଥିରେ ଅଧାପକ ବିକାଶ କୁମାର ମହାପାତ୍ର, ଅଧାପିକା ମମତା ସାମଲ,ସୁସ୍ମିତା ଦତ୍ତ ତଥା ଅନ୍ୟମାନେ ଯୋଗଦାନ କରିଥିଲେ ।ଶେଷରେ ଅଧାପକ ରଜତ କରଣ ଧନ୍ୟବାଦ ଅର୍ପଣ କରିଥିଲେ ।

# ସିଏମ କପ ଆନ୍ତଃ କ୍ଲବ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଘାଟିତ

## ଉଦଘାଟନୀ ଖେଳରେ ଜେଏସଡବ୍ଲୁ ଏବଂ ଗୁଆଲି ଦଳ ପଏଣ୍ଟ ଭାଗ କଲେ



କେନ୍ଦୁଝର, (ପି.ଏନ) : ଫୁଟବଲ ଆସୋସିଏସନ ଅଫ ଓଡିଶା ଏବଂ ରାଜ୍ୟ କ୍ରୀଡା, ଯୁବ ସେବା ବିଭାଗ ଆନୁକୂଲ୍ୟରେ କେନ୍ଦୁଝର ଶଙ୍କରପୁରସ୍ଥିତ ଧରଣୀଧର ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଠାରେ ଆଜି ଅପରାହ୍ନରେ ସିଏମ କପ୍ ଆନ୍ତଃ କ୍ଲବ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି । ଜେଏସଡବ୍ଲୁ ଫାଉଣ୍ଡେସନ ଏବଂ ଗୁଆଲି ଏଫସି ମଧରେ ଆଜିର ଉଦଘାଟନୀ ଖେଳ ୪-୪ ଗୋଲରେ ଅମୀମାଂଶିତ ରହିବା ଫଳରେ ଉଭୟ ଦଳ ପଏଣ୍ଟ ଭାଗ କରିଛନ୍ତି ।ଜେଏସଡବ୍ଲୁ ପକ୍ଷରୁ କ୍ରିଷ୍ଣା ନାୟକ ଏକାକୀ ୪ଟି ଗୋଲ ସ୍କୋର କରି ପ୍ରତିଯୋଗିତାର ପ୍ରଥମ ହ୍ୟାଟ୍ରିକ ଅର୍ଜନ କରିଛନ୍ତି । ଗୁଆଲି ପକ୍ଷରୁ ଆଦିତ୍ୟ ନାୟକ ୨ଟି ଗୋଲ ଏବଂ ବଚନ ନାୟକ ୨ଟି ଗୋଲ ସ୍କୋର କରିଥିଲେ ।ପ୍ରଥମକରି ତୃଣମୂଳ ସ୍ତରରୁ ଆୟୋଜିତ ଏହି ପ୍ରତିଯୋଗିତାକୁ କେନ୍ଦୁଝର ଅତିରିକ୍ତ ଜିଲାପାଳ ମନ୍ଦରଧର ମହାଲିକ ଉଦଘାଟନ କରିଥିବା ବେଳେ ଅନ୍ୟ ମାନଙ୍କ ମଧରେ ଆୟୋଜକ କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥାର ସାଧାରଣ ସମ୍ପାଦକ ଡ଼. ଜନାର୍ଦ୍ଦନ ଦାଶ, ଉପସଭାପତି ସୁରେଶ ଚନ୍ଦ୍ର ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ରବୀନ୍ଦ୍ର କୁମାର ପାଢ଼ୀ, କୋଷାଧକ୍ଷ ସରୋଜ କୁମାର ରଣା, ଜିଲ୍ଲା କ୍ରୀଡା ଅଧିକାରୀ ମହମ୍ମଦ ଫିରୋଜ ଖାଁ, ସ୍କୁଲ ସମୂହ କ୍ରୀଡା ନିରୀକ୍ଷକ ଫକୀର ମହାନ୍ତ, ଜିଲ୍ଲା ଲୋକ ସମ୍ପର୍କ ଅଧିକାରୀ ସାର୍ଥକ ରାୟ ଏବଂ ଜିଲ୍ଲା କ୍ରୀଡା ସଂସ୍ଥାର ସମସ୍ତ କାଉନସିଲ ସଦସ୍ୟ ଉପସ୍ଥିତ ଥିଲେ ।ଏହି ଖେଳକୁ ରେଫରୀ ଭାବେ ବୃନ୍ଦାବନ ମୁଣ୍ଡା ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ସହାୟତା କରିଥିଲେ ଯତୀନ ମହାନ୍ତ ଏବଂ ଶଙ୍କର୍ଷଣ ନାୟକ । ଚତୁର୍ଥ ରେଫରୀ ଥିଲେ ବିଜୟ ମାଝୀ । ଫୁଟବଲ ଆସୋସିଏସନ ଅଫ ଓଡିଶା ପକ୍ଷରୁ ବୀରେନ୍ଦ୍ର ମହାନ୍ତ ମ୍ୟାଚ କମିଶନର ଭାବେ ନିଯୁକ୍ତି ପାଇଥିବା ବେଳେ ବୀରେନ୍ଦ୍ର ମହାନ୍ତ, କୃଷ୍ଣ ଚନ୍ଦ୍ର ମହାନ୍ତ ଏବଂ ବାଦଲ ମହାକୁଡ଼ ସିଲେକ୍ଟର ଭାବେ ଦାୟିତ୍ୱ ନିର୍ବାହ କରିଥିଲେ ।

# ଶୈଳଶ୍ରୀ କ୍ଷେତ୍ର ଜଗନ୍ନାଥ ମନ୍ଦିରରୁ ଚୋରି

ଅନୁଗୋଳ(ପି.ଏନ) : ଅନୁଗୋଳ ଶୈଳ ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରରୁ ଚୋରି । ହୁଣ୍ଡି ଭାଙ୍ଗି ଚୋରୀ ହୋଇଥିବା ବେଳେ ଶ୍ରୀ ଜୀଉଙ୍କ ତିନୋଟି ଚିତା ବା ମଥାମଣି ଦୁର୍ବୃତ୍ତ ଚୋରି କରି ନେଇଥିବା ଜଣା ପଡ଼ିଛି ।ଆଜି ସକାଳ ସମୟରେ ପୂଜକ ନୀତିକାନ୍ତି କରିବାକୁ ଆସିବା ସମୟରେ ଚୋରି ହୋଇଥିବା ଜାଣି ପାରିବା ସହ ଏ



ନେଇ ମନ୍ଦିର ପରିଚାଳନା କମିଟିକୁ ଅବଗତ କରାଇଥିଲେ । ମନ୍ଦିର ପରିଚାଳନା କମିଟିର କର୍ମକର୍ତ୍ତା ପହଞ୍ଚି ଅନୁଧାନ କରିବା ସହ ଘଟଣା ବିଷୟରେ ପୋଲିସକୁ ଅବଗତ କରାଇଥିଲେ । ପୋଲିସ ଘଟଣା ବିଷୟରେ ଖବର ପାଇ ତୁରନ୍ତ ମନ୍ଦିରରେ ପହଁଚିବା ସହ ଘଟଣାର ତଦନ୍ତ ଓ ଅନୁସନ୍ଧାନ ଆରମ୍ଭ କରିଥିଲା ।ପ୍ରାରମ୍ଭିକ ଅନୁସନ୍ଧାନରୁ ହୁଣ୍ଡିରୁ ଚୋରି ସହ ଶ୍ରୀ ଜୀଉଙ୍କ ତିନୋଟି ମଥାମଣି ଚୋରି ହୋଇଥିବା ଜାଣିବାକୁ ପାଇଥିଲେ । ଏହା ସହ ଅନ୍ୟ କଣ ଚୋରି ହୋଇଛି ସେ ନେଇ ତଦନ୍ତ ଜାରି ରଖିଛି ।ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ପୋଲିସ ସାଇଣ୍ଟିଫିକ ଟିମ ଡକାଇ ଅଧିକ ତଦନ୍ତ ଜାରି ରଖିଛି ।ମନ୍ଦିରରେ ଉଭଞ୍ଚ ଲାଗିଥିଲେ ମଧ ତାହା କାର୍ଯ୍ୟ କରୁନଥିବା ମନ୍ଦିର ପରିଚାଳନା କମିଟି ସଂପାଦକ କହିଥିବାବେଳେ ମନ୍ଦିରରୁ ଚୋରିକୁ ନେଇ ଶ୍ରଦ୍ଧାଳୁ ଓ ଭକ୍ତଂକ ମନରେ ଆଘାତ ଲାଗିଥିବା ବେଳେ ଏହାକୁ ନେଇ ଜାହିର କରିଛନ୍ତି ଅସନ୍ତୋଷ । ଅନ୍ୟପଟେ ମନ୍ଦିରରେ ଚୋରିକୁ ନେଇ ଅସନ୍ତୋଷ ପ୍ରକାଶ କରିଛି ଜଗନ୍ନାଥ ସେନା । ମନ୍ଦିର ପରିଚାଳନା କମିଟିର ଅବହେଳା ଯୋଗୁଁ ଏଭଳି ଘଟଣା ଘଟିଛି ବୋଲି କହିଛନ୍ତି ଜଗନ୍ନାଥ ସେନା । ମନ୍ଦିରରେ ସୁରକ୍ଷା ବ୍ୟବସ୍ଥା ପାଇଁ କୌଣସି ବନ୍ଦୋବସ୍ତ ଆଜିଯାଏ କରା ନ ଯିବାରୁ ଚୋର ଚୋରି କରିବାକୁ ସୁଯୋଗ ପାଇଛି ବୋଲି ଅଭିଯୋଗ କରି ମନ୍ଦିର ପରିଚାଳନା କମିଟି ବଦଳାଇବା ଦାବିରେ ଧାରଣାରେ ବସିଛନ୍ତି ଜଗନ୍ନାଥ ସେନା ସଦସ୍ୟ ।

# ଖଣି ପ୍ରଭାବିତ ଯୋଗିପାରିତୁଣ୍ଡା ଗ୍ରାମ ବାସୀଙ୍କୁ ଉତ୍କଳ ଆଲୁମିନା କମ୍ପାନୀ କର୍ମଚାରୀଙ୍କ ଦାଦାଗିରୀ



ରାୟଗଡ଼ା ୧୭/୦୧ (କର୍ଣ୍ଣ କନ୍ଦପାଣି) ଉତ୍କଳ ଆଲୁମିନା ବିରୋଧରେ ଅସନ୍ତୋଷ ଜାହୀର କରି ଯୋଗୀପାରି ତୁଣ୍ଡା ଗ୍ରାମବାସୀଙ୍କ ଇନଟେକ ଠାରେ ଆନ୍ଦୋଳନ ୧୧ ଦିନ ବିତିଲା । ରାୟଗଡ ଜିଲା କାଶିପୁର ବ୍ଲକ ଅଣ୍ଡିରାକଞ୍ଚ ଥାନା କଡିପାରି ପଞ୍ଚାୟତ ଅନ୍ତର୍ଗତ ଯଗିପାରିତୁଣ୍ଡା ଗ୍ରାମବାସୀ ଗ୍ରାମର ମୌଳିକ ସମସ୍ୟାକୁ ନେଇ ଦିର୍ଘ ୧୧ ଦିନ ଧରି ଧାରଣା ଦେବା ପରେ ମଧ କମ୍ପାନୀ କର୍ମଚାରୀଙ୍କ ଦେଖାନାହିଁ କି ସମସ୍ୟା ସମାଧାନ ନାହିଁ । ବାଫଲାମାଳି ଖଣି ଦ୍ୱାରା ପ୍ରଭାବିତ ହୋଉଥିବା ଯୋଗିପାରୀତୁଣ୍ଡା ଗ୍ରାମ କୁ ଉତ୍କଳଆଲୁମିନା କମ୍ପାନୀ ଆରମ୍ଭରୁ ଗ୍ରାମବାସୀଙ୍କୁ କିଛି ଆର୍ଥିକ ସହାୟତା ଯୋଗାଇ ଦେଉଥିଲା । କିନ୍ତୁ ତାହା ବନ୍ଦ କରିଦେବା ଫୋଳରେ ସେହି ବାବଦକୁ ନେଇ ଗ୍ରାମବାସୀ ଅଭିଯୋଗ କରିଥିଲେ ସୁଧା କମ୍ପାନୀ କୈଣସି କର୍ଣ୍ଣପାତ କରିନଥିଲା ଓ କମ୍ପାନୀର କର୍ମଚାରୀ ମାନେ କୋହିବା ଅନୁସାରେ ଗ୍ରାମବାସୀଙ୍କୁ ଦୃବ୍ୟବହାର ଓ ଧମକ ଦେଇଥିବାରୁ ଗ୍ରାମବାସୀ ଏକତ୍ରିତହୋଇ ଯୋଗିପାରିତୁଣ୍ଡା ନଦୀରୁ କମ୍ପାନି କୁ ପାଇପଯୋଗେ ଯାଉଥିବା ପାଣିକୁ ନଦୀର ଅନ୍ୟତ୍ର ବାଡବେଡି ଗତିପଥ ଅନ୍ୟ ଆଡକୁ ଦେଖାଇ ବା ସହ କମ୍ପାନୀକୁ ପାଣି ଯାଉଥିବା ଇନଟେକ୍ ନିକଟରେ ଧାରଣା ଦେଇଥିଲେ । ଗ୍ରାମବାସୀ ଅଟଳ ରହିଥିଲେ ଯେ ଗ୍ରାମର ମୈଳିକ ସମସ୍ୟା,ରୋଜଗାର, କମ୍ପାନୀ ପକ୍ଷରୁ ସମସ୍ତ ଖଣିପ୍ରଭାବିତ ଗ୍ରାମବାସୀ ଙ୍କୁ ସରକାରୀ ନିୟମ ଅନୁସାରେ ଯାହା ପୂର୍ବରୁ କମ୍ପାନୀ ନିଷ୍ପତ୍ତି ନେଇଛି ଓ ଯାହା ସହଯୋଗ କରୁଥିଲା ତାହା ଯୋଗାଇ ଦେବାପାଇଁ ଅନୁରୋଧ କରିଛନ୍ତି ଗ୍ରାମବାସି ।ସୂଚନା ଥାଉକି ଧାରଣାର ୧୧ ଦିନ ବିତିଯାଇଥିଲେ ସୁଦ୍ଧା କମ୍ପାନୀ କର୍ତ୍ତୃପକ୍ଷ କୈଣଷି ସମାଧାନ ବାଟ ଖଜିନଥିଲେ ।ଆଜି ଧାରଣା ସ୍ଥଳରେ କମ୍ପାନୀ କର୍ତ୍ତୃପକ୍ଷ ଧାରଣା ଦେଇଥିବା ଗ୍ରାମବାସୀ , ଅଣ୍ଡରାକଞ୍ଚ ପୋଲିସ ପ୍ରଶାସନ ଓ ଦାୟିତ୍ୱରେ ଥିବା ମାଜିଷ୍ଟ୍ରେଟ କଲନରା ତସିଲଦାର ବିଘ୍ନରାଜ କଂହଁର ଧାରଣା ସ୍ଥଳରେ ଉପସ୍ଥିତ ରହି ଲୋକଙ୍କୁ ବୁଝାଶୁଝା କରୁଥିଲେ ।କିନ୍ତୁ ଖବର ଲେଖା ହେବା ପର୍ଯ୍ୟନ୍ତ କୈଣଷି ସମାଧାନ ର ବାଟ ବାହାରି ନଥିଲା ।

# କିରକିଟାକୁ ବ୍ଲକ ମାନ୍ୟତା ଦାବୀ ନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ସ୍ମାରକ ପତ୍ର ପ୍ରଦାନ

ନୂଆପଡ଼ା(ପି.ଏନ): କିରକିଟା କୁ ବ୍ଲକ ମାନ୍ୟତା ଦାବୀ ନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଙ୍କୁ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି । କିରକିଟା କେନ୍ଦ୍ର ସ୍ଥଳୀ ରେ ଅବସ୍ଥିତ ଥିବା ବେଳେ ଖଡିଆଳ ବ୍ଲକ୍ ର ୯ ଗୋଟି ପଞ୍ଚାୟତ, ସିନାପାଲି ବ୍ଲକ ର ୩ ଗୋଟି ଏବଂ ବୋଡ଼େନ ବ୍ଲକ୍ ୩ ଗୋଟି ଗ୍ରାମପଞ୍ଚାୟତ କୁ ନେଇ ବ୍ଲକ ଗଠନ ନେଇ ପ୍ରସ୍ତାବ ଦେଇଛନ୍ତି । ଖଡିଆଳ ବ୍ଲକ୍ କିରକିଟି, ସୁନାରି ସିକୁଆଁ, ରାନିମୁଣ୍ଡା, ସରଧାପୁର , ଡୁଆଝର, ଦବ୍ରୀ, ବିରୀଘାଟ,ଲାଞ୍ଜି ଓ କେନ୍ଦୁପାଟି, ବୋଡ଼େନ ବ୍ଲକ୍ ର ରୋକାଲ ଓ ଲାର୍କା, ସିନାପାଲି ବ୍ଲକ ର



ମାଖାପଦର,ଗଣ୍ଡବହାଲି, ଓ ବରଗାଁ, ୧୪ ଗୋଟି ଗ୍ରାମପଞ୍ଚାୟତ କୁ ନେଇ କିରକିଟା କୁ ବ୍ଲକ୍ ଦାବୀ କରିଛନ୍ତି । ରାଜସ୍ୱ ମନ୍ତ୍ରୀଙ୍କୁ ସାକ୍ଷାତ ବେଳେ ନେତୃତ୍ୱ ସଂଯୋଜକ ରାତ୍ରାନନ୍ଦ ମନାହିରା, ଆବାହକ ସନ୍ୟାସୀ ଦାଶ, ରୋକାଲ ସରପଞ୍ଚ ଠାକୁର ବାଗ, କିରକିଟା ଛବି ମାଝୀ, ଗଣ୍ଡବହାଲି ନାଏବ୍ ସରପଞ୍ଚ ଚୂଡ଼ାମଣି ବିହାରୀ, ସୁନାରି ସିକୁଆଁ ଭୋଲେଶ୍ୱରୀ ଦାସ, ସମାଜସେବୀ, ଦିବାକର ଖମାରୀ, ପ୍ରମୁଖ ଯୋଗ ଦେଇଥିଲେ ।

# ଓ୍ୱାଇ' ଫର୍ମ ରେ ଚାଲାଣ ହେଉଛି ଶହ, ଶହ, ଟ୍ରିପ କଳା ମୁଗୁନି ପଥର

ଖୋର୍ଦ୍ଧା(ପି.ଏନ): ଖୋର୍ଦ୍ଧା ତହସିଲ ଅଧିନସ୍ଥ କାଇପଦର ମୌଜା ରେ ଥିବା ଧନିଆ ପାହାଡ଼ ରେ ଚାଲିଛି ବେଆଇନ ଭାବରେ ସ୍ୱଲ ଖଣି କ୍ଷ ଏକ ଭିନ୍ନ ଉପାୟରେ ହେଉଛି କଳା ମୁଗୁନି ପଥର ଅନ୍ୟତ୍ର ଚୋରା ଚାଲାଣ କ୍ଷ କାଇପଦର ମୋ ?ଜ୍ଜା ରେ ଥିବା ଧନିଆ (କ) ଓ ଧନିଆ(ଘ) ଦୁଇଟି ପାହାଡ଼ ନିଲାମ ହୋଇଥିବାବେଳେ, ପାହାଡ଼ ଲିଜ



ପାଇଥିବା ବ୍ୟକ୍ତି କେବଳ ଧନିଆ(ଘ) ପାହାଡ଼ ନିମନ୍ତେ ପୁରୀ ଶ୍ରୀ ମନ୍ଦିର ପ୍ରଶାସନ ନିକଟରେ ଅର୍ଥ ପୈଠ କରିଛନ୍ତି କ୍ଷ କିନ୍ତୁ ଧନିଆ ( କ) ପାହାଡ଼ ନିମନ୍ତେ ସଲାମୀ ଅର୍ଥ ଦାଖଲ ନକରି, ସ୍ଥାନୀୟ ଅଞ୍ଚଳ ର କିଛି ଅସାମାଜିକ ଯୁବକ, କୁଜି ନେତା, ପୁଲିସ ଓ ପ୍ରଶାସନ ର କେତକ ଅସାଧୁ କର୍ମଚାରି ଙ୍କୁ ହାତବାରିସୀ କରି ପ୍ରତେକ ଦିନ ଶହ, ଶହ ଟ୍ରିପ ସ୍ୱଲ ଅନ୍ୟ ଏକ ଖଣି ର ଓ୍ୱାଇ ଫର୍ମ ରେ ନିକଟରେ ଥିବା ଏକ ମେଗା କ୍ରସର କୁ ରାତିଅଧିଆ ଚାଲାଣ କରୁଛନ୍ତି କ୍ଷ ଯାହା ତଦନ୍ତ ସାପେକ୍ଷ କ୍ଷ ଏପରିକି ଯେଉଁ ସମ୍ପତ୍ତି ଦେଖାଇ ସଲଭେନସି ସାର୍ଟିଫିକେଟ କଢ଼ା ଯାଇଛି ଏବଂ ସେହି ସଲଭେନସି ସାର୍ଟିଫିକେଟ ଦେଇ ଧନିଆ (କ) ମୁଣ୍ଡିଆ ହାତେଇଥିବା ବ୍ୟକ୍ତିଙ୍କ ସଲଭେନସି ସାର୍ଟିଫିକେଟ ର ସତ୍ୟତା ଯାଞ୍ଚ କରାଗଲେ ବହୁ ଲୁକାୟିତ ତଥ୍ୟ ପଦାକୁ ଆସିବା ସହିତ ସେହି ସମ୍ପତ୍ତି ସବୁ ଏବେ ବ୍ୟାଙ୍କ ରେ ବନ୍ଧକ ପଡ଼ିଥିବା ନେଇ ସାଧାରଣ ରେ ଆଲୋଚନା ହେଉଛି କ୍ଷ ଶ୍ରୀ ମନ୍ଦିର ପ୍ରଶାସନ ତଥା ଖୋର୍ଦ୍ଧା ଜ଼ିଲ୍ଲା ପ୍ରଶାସନ ପକ୍ଷରୁ ଏହାରବିଧି ବଦ୍ଧ ଭାବରେ ତଦନ୍ତ କରାଗଲେ ସମ୍ପୂର୍ଣ୍ଣ ସତ୍ୟ ପଦାକୁ ଆସିପାରିବ ।

# ଖୋର୍ଦ୍ଧା ଜିଲ୍ଲା କନିଷ୍ଠ ଇଣ୍ଟ୍ରା କ୍ଲବ୍ କ୍ରିକେଟ, ଇଗଲ କ୍ରିକେଟ କ୍ଲବ୍ ବିଜୟୀ

ଖୋର୍ଦ୍ଧା:(ପି.ଏନ): ଓଡ଼ିଶା କ୍ରିକେଟ ଆସୋସିଏସନ୍ ର କାର୍ଯ୍ୟକ୍ରମ ଅନୁଯାୟୀ ଖୋର୍ଦ୍ଧା ଜିଲ୍ଲା କନିଷ୍ଠ ଇଣ୍ଟ୍ରା କ୍ଲବ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ ବି ଜେ ବି ହାଇସ୍କୁଲ ପଡିଆ ମିନି ଷ୍ଟାଡିୟମରେ କ୍ରିକେଟ ଆସୋସିଏସନ୍ ଅଫ ଦି ଡିଷ୍ଟ୍ରିକ୍ଟ ଅନୁକୁଲ୍ୟ ରେ ଦ୍ୱିତୀୟ ଦିବସ ଖେଳରେ ଇଗଲ କ୍ରିକେଟ କ୍ଲବ୍ ଗୁରୁଜଙ୍ଗ ବ୍ଲୁ ବାର୍ଡ କ୍ରିକେଟ କ୍ଲବ୍ କୁ ୪୪ ରନ ରେ ପରାସ୍ତ କରିଛି । ଟସ୍ ରେ ହାରି ଇଗଲ କ୍ଲବ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୪୦ ଓଭର ରେ ୯ ଓ୍ୱିକେଟ୍ ହରାଇ ୨୩୨ ରନ



କରିଥିଲେ ।ଦଳ ତରଫରୁ ଦିପ୍ତାନ୍ସୁ ଦାସ ଅପରାଜିତ ୯୧ ରନ,ତୀର୍ଥଙ୍କର ସାହୁ ୬୦ ରନ ଓ ଯସବନ୍ତ ପ୍ରଧାନ ୨୫ ରନ ସଂଗ୍ରହ କରିଥିଲେ । ବ୍ଲୁ ବାର୍ଡ କ୍ରିକେଟ କ୍ଲବ୍ ପକ୍ଷ ରୁ ଆଶୁତୋଷ ସିଂ ୩ ଟି ଓ ସିତେଶ ବାରିକ ୨ ଟି ଓ୍ୱିକେଟ୍ ନେଇଥିଲେ ।ଜବାବରେ ବ୍ଲୁ ବାର୍ଡ ଗୁରୁଜଙ୍ଗ ଦଳ ୩୨.୨ ଓଭର ରେ ସମସ୍ତ ଓ୍ୱିକେଟ୍ ହରାଇ ୧୮୮ ରନ ରେ ସୀମିତ ରହିଥିଲେ ।ଦଳ ତରଫରୁ ରୁଦ୍ର ମଲ୍ଲିକ ୮୮ ରନ,ଆଶୁତୋଷ ସିଂ ୨୭ ରନ ଓ ବିସ୍ମୟ ସାହୁ ୨୩ ରନ ସଂଗ୍ରହ କରିଥିଲେ ।ଇଗଲ କ୍ଲବ୍ ତରଫରୁ ତୀର୍ଥଙ୍କର ସାହୁ ୩ ଟି ଓ ଦିପ୍ତାଂସୁ ଦାସ ୨ ଟି ଓ୍ୱିକେଟ୍ ଅକ୍ତିଆର କରିଥିଲେ ।ଖେଳକୁ ପ୍ରୀତିରଞ୍ଜନ ବିଜୟସିଂ ଓ ଅବଦୁଲ ରହିମ ଖାନ ପରିଚାଳନା କରିଥିବା ବେଳେ ସ୍କୋରର ରୂପେ ଜିତେନ୍ଦ୍ର ସେନାପତି ଦାୟିତ୍ୱ ରେ ଥିଲେ । ସୌମେନ୍ଦ୍ର ମହାନ୍ତି ମ୍ୟାଚ୍ ରେଫରୀ ଭାବେ ଓ ରୋହିତ ରଞ୍ଜନ ରାୟ ଏବଂ ଦେବପ୍ରସାଦ ସାମନ୍ତରାୟ ଏହି ମ୍ୟାଚ୍ ର ସଂଯୋଜକ ରୂପେ କାର୍ଯ୍ୟ କରିଥିଲେ ।୧୮/୦୧/୨୫ କେ ଟି ଗ୍ଲୋବାଲ କ୍ଲବ୍ ବନାମ ଖୋର୍ଦ୍ଧା କ୍ରିକେଟ କ୍ଲବ୍ ମଧ୍ୟରେ ମ୍ୟାଚ୍ ହେବବୋଲି ଚଣ୍ଡୀ ପ୍ରସାଦ ଆଚାର୍ଯ୍ୟ ଜଣାଇଛନ୍ତି ।

# ନିରଞ୍ଜନ ବିଶୀଙ୍କ ଦ୍ୱାରା ଗଡ୍ରାମୁଣ୍ଡା ଠାରେ ନବ ନିର୍ମିତ ଆଦିବାସୀ ଭବନ ଉଦଘାଟନ

ନୂଆପଡ଼ା (ପି.ଏନ) : ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଗଡ୍ରାମୁଣ୍ଡା ଠାରେ ନବ ନିର୍ମିତ ଆଦିବାସୀ ଭବନ ଉଦଘାଟନ ହୋଇଯାଇଅଛି । ମୁଖ୍ୟ ଅତିଥି ଭାବେ ରାଜ୍ୟ ସଭା ସାଂସଦ ଶ୍ରୀ ନିରଞ୍ଜନ ବିଶିଙ୍କ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ନବ ନିର୍ମିତ ଆଦିବାସୀ ଭବନକୁ ଉଦଘାଟିତ କରିଥିଲେ । ସମ୍ମାନୀୟ ରାଜ୍ୟ ଆଦିବାସୀ କଲ୍ୟାଣ ସଂଘ ସଭାପତି ବାଳକୃଷ୍ଣ ଶବର, ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ଭାନୁ ପ୍ରତାପ ସିଂ ମାଝୀ, ଉପ-ସଭାପତି କାର୍ତ୍ତିକେଶ୍ୱର୍ ମଲ୍ଲିକ, ଖଡ଼ିଆଳ ବ୍ଲକ ସଭାପତି ଜଗତ ରାମ ଶବର,



ବୋଡ଼େନ ବ୍ଲକ ସଭାପତି ଭୁବନେଶ୍ୱର ମାଝୀ, ଖଡ଼ିଆଳ ନଗର ସଭାପତି ସୋମନାଥ ଶବର ଓ ଅନ୍ୟାନ୍ୟ ଅତିଥି ଶୁବୁଦି ଶବର, ବିଶିକେଶନ ବିଶ୍ୱାଳ, ରୋମାଞ୍ଚଳ ମାଝୀ, ପଦ୍ମନ ମାଝୀ ଓ ଗଡ୍ରାମୁଣ୍ଡା ଆଦିବାସୀ ଛାତ୍ରମାନେ ଯୋଗ ଦେଇଥିଲେ ।

# ଆଲୋକ ମାଳାରେ ଝୋଲୋସିଲା ମୋରଣ୍ଡା ଟୁସୁ ମେଳା, ଆଦିବାସୀ ନୃତ୍ୟରେ କମ୍ପିଲା ସାରା ପୋଡ଼ିଆ

ରାଇରଙ୍ଗପୁର(ପି.ଏନ) : ଦିନ ଥିଲା ମୟୁରଭଞ୍ଜ ର ଗର୍ବ କହିଲେ ବୁଝାଯାଏ କୁଡ଼ୁମୀ ଏବଂ ସାନ୍ତାଳ ସମ୍ପ୍ରଦାୟର ମୁଖ୍ୟ ଗଣ ପର୍ବ ମକର ସଂକ୍ରାନ୍ତି । ପ୍ରତି ଗାଁରେ ଢୋଲ ମାଦଳର ତାଳେ ତାଳେ ନାଚନ୍ତି ଉଭୟ ପୁରୁଷ ଓ ମହିଳା । ସେହିପରି ଆଜି ସମାଜ ସେବି ନକୁଳ ଚନ୍ଦ୍ର ପାଲଙ୍କ ତତ୍ତ୍ୱାବଧାନରେ ସମାଜର ସଂସ୍କୃତି ଓ ପରମ୍ପରା ବଜାଇ ରଖିବା ପାଇଁ ଦିର୍ଘ୍ୟ ଦିନ ଧରି ଜାମଦା ବ୍ଲକ ଅନ୍ତର୍ଗତ ମୋରଣ୍ଡା ଗ୍ରାମପଞ୍ଚାୟତରେ ଆଜି ଏକ ବିରାଟ ଟୁସୁ ପର୍ବ ଆୟୋଜିତ



ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ମୋରଣ୍ଡା ସରପଞ୍ଚ କାପୁରା ମାରାଣ୍ଡି , ସମାଜ ସେବୀ ସୋମେଇ ମାରାଣ୍ଡି , ଅର୍ଜୁନ ପାଲ ପ୍ରମୁଖ ଉପସ୍ଥିତ ହୋଇ ଟୁସୁ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ରଖିଥିବା ଦଲକୀ ଦଳକୁ ପ୍ରଥମ ସ୍ଥାନ , ମୋରଣ୍ଡା ଦଳକୁ ଦ୍ୱିତୀୟ , ସମାଜ ସେବୀ ତଥା ସାମ୍ବାଦିକ ତ୍ରିଲୋଚନ ମହାନ୍ତେ ବିଜେତା ଙ୍କୁ ପୁରସ୍କାର ରାଶି ପ୍ରଦାନ କରିଥିଲେ । ପରିଶେଷରେ ଆୟୋଜିତ କମିଟି ତରଫରୁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

PARYABEKHYAK




# ଆର୍.ଆର୍.ଟି.ସି ପକ୍ଷରୁ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ଆଠ ଦିନିଆ ୱେବିନାର ବ୍ୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ଦ୍ୱାରା ଉଦ୍‌ଘାଟିତ







ଭୁବନେଶ୍ୱର(ପିଏନ)- ଆଜି ଏନ୍.ଆର୍.ସି.ଡବ୍ଲ୍ୟୁ.ଡି ଦ୍ୱାରା ପରିଚାଳିତ ଆର୍.ଆର୍.ଟି.ସି ତରଫରୁ ସାମାଜିକ ନ୍ୟାୟ ଓ ଅଧିକାରିତା ମନ୍ତ୍ରାଳୟ,ଭାରତ ସରକାରଙ୍କ ସହଯୋଗରେ ଭୁବନେଶ୍ୱରସ୍ଥ ଆର୍.ଆର୍.ଟି.ସି ସଭାଗୃହରେ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ପଦ୍ମଶ୍ରୀ ଡକ୍ଟର ପ୍ରଫୁଲ୍ଲ କୁମାର ଜେନା ଓ ଡକ୍ଟର ସେବା ମହାପାତ୍ରଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ ଗୁଗୁଲ୍ ମିଟ୍ ଜରିଆରେ ଆଠଦିନିଆ ୱେବିନାର୍ ଶୁଭ ଉଦ୍‌ଘାଟିତ ହୋଇଯାଇଛି । ଉକ୍ତ ୱେବିନାର୍‌ରେ ଅନ୍ୟୁନ ୪୦ରୁ ୫୦ ଲୋକ ଯଥା ବ୍ୟୋଜ୍ୟେଷ୍ଠ ବ୍ୟକ୍ତି, ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତା, ବରିଷ୍ଠ ନାଗରିକ ବାସସ୍ଥାନର ଅନ୍ତେବାସୀଗଣ, ସାମାଜିକ କର୍ମୀ, ଗଣମାଧମ ପ୍ରତିନିଧିବୃନ୍ଦ, ସରକାରୀ କର୍ମଚାରୀ ବୃନ୍ଦ, ସ୍ୱେଚ୍ଛାସେବୀମାନେ ଅଂଶଗ୍ରହଣ କରିଥିଲେ । ଆୟୋଜିତ ହୋଇଥିବା ଏହି ୱେବିନାର୍‌ରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ଡଃ ପ୍ରଫୁଲ୍ଲ କୁମାର ଜେନା ଯୋଗଦାନ କରିଥିବା ବେଳେ ଡକ୍ଟର ସେବା ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଡକ୍ଟର ଜେନା କହିଲେ ଯେ, ସେ ୯୦ ବର୍ଷରେ ପହଂଚିଥିଲେ ମଧ ଏବେ ବୈଦିକ ଓ ଦୈନିକ କାର୍ଯ୍ୟକ୍ରମରେ ନିଜର ଅଭ୍ୟାସ ଅବ୍ୟାହତ ରଖିଛନ୍ତି । ଏତଦ୍ ବ୍ୟତୀତ ସେ ଗୁରୁତ୍ୱର ସହ କହିଥିଲେ ଯେ, ବରିଷ୍ଠ ନାଗରିକଙ୍କର ଅଭିଜ୍ଞତାକୁ ପାଥେୟ କରି ସାମାଜିକ ସେବା, ଜ୍ଞାନକୌଶଳର ବିକାଶ, ସ୍ୱାସ୍ଥ୍ୟସେବା, ଶିକ୍ଷାପ୍ରଦାନ,ବୃକ୍ଷରୋପଣ ଆଦି କାର୍ଯ୍ୟରେ ନିୟୋଜିତ କରାଯିବା ଉଚିତ୍ । ୬୦ବର୍ଷରେ ଅବସର ଗ୍ରହଣ କଲେ ମଧ ବହୁ ବରିଷ୍ଠ କର୍ମଚାରୀ ଆଗକୁ କାମ କରିବାର ଦକ୍ଷତା ଥିବାଯୋଗୁଁ ସେମାନଙ୍କୁ ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରିବା ଉଚିତ୍ । ଠିକ୍ ସେହିପରି ଡକ୍ଟର ମହାପାତ୍ର ଅବଗତ କରାଇଥିଲେ ଯେ, ସମଗ୍ର ବିଶ୍ୱରେ ୨୦୫୦ମସିହା ସୁଦ୍ଧା ବରିଷ୍ଠନାଗରିକଙ୍କ ସଂଖ୍ୟା ୧୫୦କୋଟିରେ ପହଂଚିବ । ଏପରି ଆକଳନରୁ ଜଣାଯାଉଛି ଯେ, ୨୦୫୦ମସିହା ବେଳକୁ ବରିଷ୍ଠନାଗରିକଙ୍କ ସଂଖ୍ୟା ଭାରତବର୍ଷରେ ମୋଟ୍ ଜନସଂଖ୍ୟାର ଶତକଡା ୨୦ପ୍ରତିଶତ ବୃଦ୍ଧି ପାଇବ । ଏହାଛଡା କୋଭିଡ୍ ମହାମାରୀ ସମୟରେ ବରିଷ୍ଠ ନାଗରିକମାନଙ୍କର ଯଥେଷ୍ଟ ସ୍ୱାସ୍ଥ୍ୟର ଯତ୍ନର ଆବଶ୍ୟକତା ରହିଛି ବୋଲି ସେ ଗୁରୁତ୍ୱାରୋପ କରିଥିଲେ । ଏଠାରେ ପ୍ରକାଶ ଯୋଗ୍ୟ ଯେ, ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ଅଧିକାରିତା ମନ୍ତ୍ରାଳୟର ଅତିରିକ୍ତ ସଚିବ ଶ୍ରୀମତୀ ଉପମା ଶ୍ରୀବାସ୍ତବ ସମ୍ମାନୀତ ଅତିଥିଭାବେ ଯୋଗ ହେବାର କାର୍ଯ୍ୟକ୍ରମ ଥିଲା ମାତ୍ର କିଛି ଯାନ୍ତ୍ରିକ ତୃଟି ଯୋଗୁଁ ସେ ଆଜିର କାର୍ଯ୍ୟକ୍ରମରେ ଯୋଗ ଦେଇ ପାରି ନ ଥିଲେ କିନ୍ତୁ ଆସନ୍ତା କାଲିର କାର୍ଯ୍ୟକ୍ରମରେ ସେ ଯୋଗ ଦେବେ ବୋଲି ନିର୍ଭର ପରତିଶୃତି ଦେଇଛନ୍ତି । ଏହି ୱେବିନାର୍ ଦୀର୍ଘ ଆଠ ଦିନ ଧରି ପ୍ରତ୍ୟହ ପୂର୍ବାହ୍ନ ୧୧ଟାରୁ ଦିବା ୧ଘଟିକା ପର୍ଯ୍ୟନ୍ତ ଗୁଗୁଲ୍ ମିଟ୍ ଜରିଆରେ ବରିଷ୍ଠ ନାଗରିକଙ୍କ ବିଭିନ୍ନ ମୁଦ୍ଦାକୁ ନେଇ ଅଭିଜ୍ଞ ରିସୋର୍ସ ପର୍ସନମାନଙ୍କ ଦ୍ୱାରା ଆଲୋଚନା କରାଯିବ । ଏହି ଆଲୋଚନାରେ ଭାଗ ନେବାକୁ ଚାହୁଁଥିବା ବ୍ୟକ୍ତିମାନେ ନିମ୍ନୋକ୍ତ ଲିଙ୍କ୍‌ରେ ଯୋଗ ଦେବାକୁ ଅନୁରୋଧ । ଲିଙ୍କ୍‌ଟି ହେଉଛି- https://meet.google.com/mfz-zcin-vpg । ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ଶ୍ରୀଯୁକ୍ତ ନାଗେଶ୍ୱର ପଟ୍ଟନାୟକ ସଂଚାଳନ କରିଥିଲେ ଓ ଆଶା ପ୍ରକାଶ କରି କହିଥିଲେ ଯେ, ଭାରତ ସରକାର ଆଣୁଥିବା ନୂତନ ନାଗରିକ ନୀତି ନିଶ୍ଚୟ ପ୍ରଗତିଶୀଳ ହେବ । ଏହି ୱେବିନାର୍‌ରେ ଆଲୋଚିତ ହେବାକୁ ଥିବା ବିଷୟବସ୍ତୁ ଗୁଡିକୁ ଆଗାମୀ ସାତ ଦିନରେ ବରିଷ୍ଠ ଆଇନଜିବୀ ସଂଜିବ୍ ରାଉତ, ସିଦ୍ଧାର୍ଥ ଦାସ, ହେଲପ୍ ଏଜ୍ ଇଣ୍ଡିଆର ରାଜ୍ୟ ମୁଖ୍ୟ ଶ୍ରୀମତୀ ଭାରତୀ ଚକ୍ର, ବିଶିଷ୍ଟ ମନୋତତ୍ୱବିଦ୍ ଡକ୍ଟର ପ୍ରକାଶ ରଥ, ଡକ୍ଟର ଅରବିନ୍ଦ ମହାନ୍ତି, ଡକ୍ଟର ହରିଶ୍ ଚୌଧୁରୀ, ଡକ୍ଟର ଅମ୍ରିତ୍ ପଟ୍ଟଯୋଶୀ,ଡକ୍ଟର ବିଶ୍ୱଭୂଷଣ ପ୍ରଧାନ, ଡକ୍ଟର ଅମ୍ଲାନ୍ ମାଇତି, ଡକ୍ଟର ଝରଣା ସ୍ୱାଇଁ, ବରିଷ୍ଠ ରାଜନୀତି ବିଜ୍ଞାନୀ ତଥା ପ୍ରଫେସର୍ ସୂର୍ଯ୍ୟନାରାୟଣ ମିଶ୍ର, ଅବସରପ୍ରାପ୍ତ ଆଇ.ଏ.ଏସ୍ ଅଫିସର୍ ଶ୍ରୀ ଯୁଗଳ କିଶୋର ମହାପାତ୍ର ଓ ଶ୍ରୀ ବିବେକ ପଟ୍ଟନାୟକ , ବରିଷ୍ଠ ସମାଜସେବୀ ଇମ୍ରାନ୍ ଅଲ୍ଲୀ ଓ ଶ୍ରୀମତୀ ଗୀତା ପ୍ରହରାଜ ପ୍ରମୁଖ ରିସୋର୍ସ ପର୍ସନ ଭାବେ ଆଲୋଚନାରେ ଅଂଶଗ୍ରହଣ କରି ଅତି ପ୍ରାଞ୍ଜଳ ଭାବେ ବିଷୟଗୁଡିକୁ ଅଂଶଗ୍ରହଣକାରୀଙ୍କ ସମ୍ମୁଖରେ ଉପସ୍ଥାପନ କରିବେ ବୋଲି ନିର୍ଭର ପ୍ରତିଶୃତି ଦେଇଛନ୍ତି । ଏହି ୱେବିନାର୍‌ରେ ଅଧିକ ସଂଖ୍ୟାରେ ଭାଗ ନେଇ ୱେବିନାର୍‌କୁ ସଫଳ କରିବାକୁ ଆୟୋଜକ ଆଶା ପ୍ରକାଶ କରିଛନ୍ତି । ଶେଷରେ ଏନ୍.ଆର୍.ସି ଡବ୍ଲ୍ୟୁ.ଡିର ସମ୍ପାଦକ ଶ୍ରୀଯୁକ୍ତ ସୁକାନ୍ତ ପରିଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଆର୍.ଆର୍.ଟି.ସିର ପ୍ରକଳ୍ପ ସଂଯୋଜିକା ବାସନ୍ତୀ ବେହେରା ୱେବିନାର୍‌କୁ ସୁଚାରୁରୂପେ ପରିଚାଳନା କରିଥିଲେ ।

## ପୁରୀ-ଅହମ୍ମଦାବାଦ ସ୍ପେଶାଲ ଶ୍ରମିକ ଟ୍ରେନ୍ ରେ ବ୍ରହ୍ମପୁରରୁ ସୁରତ ଯାତ୍ରା କଲେ ୧୪୩୯ ଯାତ୍ରୀ

ଗଞ୍ଜାମ, (ପିଏନ)- ପୁରୀ-ଅହମ୍ମଦାବାଦ ସ୍ପେଶାଲ ଶ୍ରମିକ ଟ୍ରେନ୍ ଗତକାଲି ରାତି ୮ଟା ରେ ବ୍ରହ୍ମପୁର ଷ୍ଟେସନରେ ପହଂଚିଥିଲା । ପୂର୍ବରୁ ଟ୍ରେନ୍ କୁ ଅପେକ୍ଷା କରିଥିବା ଶହସ୍ରାଧିକ ଯାତ୍ରୀ ଟ୍ରେନ୍ ରେ ଚଢ଼ିଥିଲେ । ମୁଖ୍ୟତଃ ସୁରତ ଯିବାକୁ ଚାହୁଁଥିବା ପ୍ରବାସୀ ଶ୍ରମିକ ମାନେ ମହିଳା ଓ ପିଲାଛୁଆଙ୍କ ସହିତ ସଂରକ୍ଷିତ ଟିକେଟ୍ କରି ଟ୍ରେନ୍ ରେ ଚଢ଼ିଥିଲେ । ବ୍ରହ୍ମପୁର ଷ୍ଟେସନ ମ୍ୟାନେଜର ଦୁର୍ଗାପ୍ରସାଦ ବ୍ରହ୍ମାଙ୍କ ସୂଚନା ମୁତାବକ ମୋଟ୍ ୧୪୩୯ ଯାତ୍ରୀ ଏହି ଟ୍ରେନ୍ ରେ ବ୍ରହ୍ମପୁର ଷ୍ଟେସନରୁ ଯାତ୍ରା କରିଛନ୍ତି । ଥର୍ମାଲ୍ ସ୍କ୍ରିନିଂ, ସାମାଜିକ ଦୂରତା, ମାସ୍କ ପରିଧାନ, ବିଶୋଧନ ଆଦି ପ୍ରତି ବିଶେଷ ଧ୍ୟାନ ରଖାଯାଇଛି ବୋଲି କହିଛନ୍ତି ଷ୍ଟେସନ୍ ମ୍ୟାନେଜର । ଦୀର୍ଘ ୪ ମାସ ପରେ ଏହି ପ୍ରବାସୀ ଶ୍ରମିକମାନେ ପୁଣି ଥରେ କର୍ମସଂସ୍ଥାନ ପାଇଁ ଗୁଜୁରାଟ ତଥା ସୁରତ ଅଭିମୁଖେ ଯାତ୍ରା କରୁଥିବାରୁ ଗଞ୍ଜାମ ଜିଲ୍ଲା ବିଜେପି ପକ୍ଷରୁ ଯାତ୍ରୀ ମାନଙ୍କୁ ଶୁଭକାମନା ଜ୍ଞାପନ କରାଯାଇଥିଲା ।

### ୨ବର୍ଷର ଝିଅ ଦେହରେ ୨୮ ଥର ବ୍ୟାଣ୍ଡେଜ ଘଟଣା

## ଚିକିତ୍ସା ପାଇଁ ପ୍ରଶାସନର ପ୍ରସ୍ତୁତି ଆରମ୍ଭ

କନ୍ଧମାଳ,(ପିଏନ)- ଦାରିଙ୍ଗବାଡ଼ି ବ୍ଲକ ହାତୀମୁଣ୍ଡା ପଂଚାୟତ ଅର୍ନ୍ତଗତ ଡାହୁ ଗ୍ରାମର ୨ବର୍ଷର ଝିଅ ସାଲୁନିକା ପ୍ରଧାନ । ଜନ୍ମ ହେବାର ୧୩ଦିନ ପର ଠାରୁ ଝିଅକୁ କେହି ଧରିଲେ ଦେହର ହାଡ଼ଗୁଡ଼ିକ ଭାଙ୍ଗିଯାଉଛି । ସେଥିପାଇଁ ୨ବର୍ଷର ଝିଅର ହାତ, ଗୋଡ଼ ସମେତ ଶରୀରର ବିଭିନ୍ନ ଅଙ୍ଗରେ ୨୮ଟି ବ୍ୟାଣ୍ଡେଜ୍ ପଡ଼ିଛି । ଏନେଇ ବିଭିନ୍ନ ଗଣମାଧମରେ ଖବର ପ୍ରକାଶ ପାଇବା ପରେ ସାଲୁନିକାର ସମସ୍ତ ଚିକିତ୍ସା ମାଗଣାରେ କରିବା ପାଇଁ କଟକ ଜିଲ୍ଲା ଓଲଟପୁର ସ୍ଥିତ ସ୍ୱାମୀ ବିବେକାନନ୍ଦ ଜାତୀୟ ପୁର୍ନବାସ ପ୍ରଶିକ୍ଷଣ ଓ ଅନୁସନ୍ଧାନ ସଂସ୍ଥା(ନିରତାର) ନିଜ ତରଫରୁ ଏନେଇ କନ୍ଧମାଳ ଜିଲ୍ଲା ପ୍ରଶାସନକୁ ଚିଠି ଲେଖିଛନ୍ତି । ନିରତାର୍‌ର ନିର୍ଦ୍ଦେଶକ ଡାକ୍ତର ଶକ୍ତି ପ୍ରସାଦ ଦାସ ସାଲୁନିକାର ଏଭଳି ବିରଳ ରୋଗ ସମ୍ପର୍କରେ ଗଣମାଧ୍ୟମରୁ ଜାଣିବା ପରେ ସଂସ୍ଥାର ବୈଷୟିକ ନିର୍ଦ୍ଦେଶକ କିଶୋର ଚନ୍ଦ୍ର ମହାପାତ୍ରଙ୍କ ସହିତ ଆଲୋଚନାକରିଥିଲେ ।ଏହାପରେ ସେ ଫୁଲବାଣୀ ଜିଲ୍ଲା ଭିନ୍ନକ୍ଷମ ଥଇଥାନ କେନ୍ଦ୍ର(ଡିଡିଆରସି)ର ଅଧିକ୍ଷକ ଅକ୍ଷୟ କୁମାର ପଣ୍ଡାଙ୍କ ସହିତ ଯୋଗାଯୋଗ କରି ସାଲୁନିକାକୁ ଓଲଟପୁରକୁ ପଠାଇବାର ବ୍ୟବସ୍ଥା କରିବାକୁ ଅନୁରୋଧ କରିଥିଲେ ।ପରେ ସେ କନ୍ଧମାଳ ଜିଲ୍ଲାପାଳଙ୍କୁ ମଧ ଏକ ଚିଠିଲେଖି ପୀଡ଼ିତା ଝିଅକୁ ସଂସ୍ଥାକୁ ପଠାଇଲେତାହାର ଚିକିତ୍ସା ସଂସ୍ଥା ତରଫରୁ ସମ୍ପୁର୍ଣ୍ଣ ମାଗଣାରେ କରାଯିବ ବୋଲି କହିଛନ୍ତି । ସଂସ୍ଥା ଠାରୁ ଚିଠି ପାଇବା ପରେ ଜିଲ୍ଲାପାଳ ମଧ ତୁରନ୍ତ ତତ୍ପରତା ପ୍ରକାଶ କରି ଜିଲ୍ଲା ଚିକିତ୍ସାଧିକାରୀଙ୍କୁ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଜରିଆରେ ଖୁବ ଶୀଘ୍ର ପୀଡ଼ିତା ଝିଅ ସାଲୁନିକାକୁ ଓଲଟପୁର ସ୍ଥିତ ନିରତାର୍ କୁ ପଠାଇବା ବ୍ୟବସ୍ଥା କରୁଥିବା ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ରାଜଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି । ଏଭଳି ସ୍ଥଳେ ଆସନ୍ତା ସୋମବାର କିମ୍ବା ମଙ୍ଗଳବାର ଦିନ ସାଲୁନିକାର ଚିକିତ୍ସା ପାଇଁ କଟକ ସ୍ଥିତ ଓଲଟପୁରକୁ ନିଆଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ୩ ବର୍ଷ ହେଲା ଭାଙ୍ଗି ଯାଇଥିବା କସଲକୋଣ୍ଡା ବ୍ରିଜ ଓ ରାସ୍ତା ମରାମତି ପାଇଁ ଦାବୀ

ମାଲକାନଗିରି, (ପିଏନ)-ଗତ ୩ ବର୍ଷ ତଳେ ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ଚିନ୍ତଲବାଡା ପଂଚାୟତ କସଲକୋଣ୍ଡା ଗାଁ ମୁଖ୍ୟ ରାସ୍ତା କୁ ସଂଯୋଗ କରୁଥିବା ଗମ୍ପାକୋଣ୍ଡା କେନାଲ ରାସ୍ତାରୁ ଯାଇଥିବା ଗ୍ରାମ୍ୟ ଉନୟନ୍ନ ବିଭାଗ ର ରାସ୍ତା ଓ ବ୍ରିଜ ଧୋଇହୋଇଯାଇଥିଲା । ହେଲେ ଆଜି ପ୍ରଯ୍ୟନ୍ତ ଉକ୍ତ ବ୍ରିଜ ନିର୍ମାଣ କରାଯାଇନଥିବାରୁ ଏହି ରାସ୍ତାଦେଇ ଯାଉଥିବା ଲୋକ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବ୍ରିଜ ର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଥିବାରୁ ଏହି ରାସ୍ତାଦେଇ ଚାଲିଚାଲି ଯିବା କଷ୍ଟକର ହୋଇପଡୁଛି ।

ପ୍ରକାଶ ଥାଉକି ଗମ୍ପାକୋଣ୍ଡା ମୁଖ୍ୟ କେନାଲ ରୁପୁରୁଣା ପଂଚାୟତ ଅଫିସ ପର୍ଯ୍ୟନ୍ତ ପ୍ରାୟ ୨ କିମି ରାସ୍ତା ବର୍ଷାରେ ଧୋଇହୋଇଯାଇଛି । ଏହି ରାସ୍ତାର ମଧ ଭାଗରେ କସଲ କୋଣ୍ଡା ନାଳ ରହିଛି, ଯାହାର ଲମ୍ବ ୧ ୫ ମିଟର । ଉକ୍ତ ରାସ୍ତା ଚିନ୍ତଲବାଡା ଓ ଗୁମୁକା ପଂଚାୟତକୁ ସଂଯୋଗ କରୁଥିବାରୁ ବହୁ ଲୋକ ସୁବିଧାରେ ଯାତାୟାତ କରୁଥିଲେ । ତେବେ ୩ ବର୍ଷ ଧରି ରାସ୍ତା ଓ ବ୍ରିଜ ମରାମତି ହୋଇନଥିବାରୁ କସଲକୋଣ୍ଡା, ସିନ୍ଧିଗୁଡା, ଏବଂ ନିକଟରେ ଥିବା ଅନ୍ୟ ୬ ଟି ଗାଁ ର ଶତାଧିକ ଲୋକ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି । ସାଧାରଣତଃ କାହାର ଦେହ ଖରାପ ହେଲେ ରୋଗୀ, ଗର୍ଭବତୀଙ୍କୁ ଚିକିତ୍ସାଳୟ ନେବାକୁ ଗାଁ ନିକଟକୁ ଆମ୍ବୁଲାନ୍ସ ଆସିପାରେନାହିଁ !ଫଳରେ ରୋଗୀଙ୍କୁ ଖଟିଆରେ ବୋହିବାକୁ ପଡିଥାଏବୋଲି କସଲକୋଣ୍ଡା ଗ୍ରାମର ୱାର୍ଡ ମେମ୍ବର ଈରମେ କବାସୀ କହିଛନ୍ତି । ମରାମତି ପାଇଁ ପ୍ରଶାସନ ପାଖରେ ଅଞ୍ଚଳବାସୀ ବାରମ୍ବାର ଦାବି କରିଆସୁଥିଲେ ସୁଦ୍ଧା କେହି ଶୁଣୁ ନ ଥିବା ପଂଚାୟତବାସୀ ଅଭିଯୋଗ କରିଛନ୍ତି !ଜିଲ୍ଲା ପ୍ରଶାସନ ପକ୍ଷରୁ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାପାଇଁ ଦାବୀ ହେଉଛି !

### ବିବାହର ପ୍ରତିଶ୍ରୁତି ଦେଇ ମାସମାସ ଧରି ଯୁବତୀଙ୍କୁ ଦୁଷ୍କର୍ମ

## ୬ମାସର ଗର୍ଭବତୀ ପରେ ସଂପୃକ୍ତ ଯୁବକ ଫେରାର, ଦୈତାରୀ ଥାନାରେ ଏତଲା

ହରିଚନ୍ଦନପୁର, (ପିଏନ) ବିବାହର ପ୍ରତିଶ୍ରୁତି ଓ ବିଭିନ୍ନ ପ୍ରଲୋଭନ ଦେଖାଇ ମାସମାସ ଧରି ଯୁବତୀଙ୍କ ସହ ଦୁଷ୍କର୍ମ, ୬ମାସର ଗର୍ଭବତୀ ହେବା ପରେ ସଂପୃକ୍ତ ଯୁବକ ଫେରାର ହୋଇଯାଇଥିବା ନେଇ ଦୈତାରୀ ଥାନାରେ ଲିଖିତ ଅଭିଯୋଗ ହୋଇଛି ।ଖବର ଅନୁଯାୟୀ କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଦୈତାରୀ ଥାନା ଅନ୍ତର୍ଗତ ଆଲୁତୁମା ଗ୍ରାମର ଯାତ ଦେହୁରୀଙ୍କ ଝିଅ (ଛଦ୍ମନାମ) ଜମୁନା(୧୮)ଙ୍କ ସହ ଗ୍ରାମର ଝଂପିତାମ୍ବର ଦେହୁରୀଙ୍କ ପୁଅ ସୁଶାନ୍ତ ଦେହୁରୀ ପ୍ରେମ ସମ୍ପର୍କ ରଖିଥିଲେ । ପରେ ବିବାହର ପ୍ରତିଶ୍ରୁତି ଓ ବିଭିନ୍ନ ପ୍ରଲୋଭନ ଦେଖାଇ ଯୁବତୀଙ୍କୁ ଦୀର୍ଘ ମାସ ଧରି ଦୁଷ୍କର୍ମ କରିଥିଲେ । ଯୁବତୀ ଜଣଙ୍କ ଗର୍ଭବତୀ ହେବା ପରେ ଯୁବକଙ୍କୁ ଘଟଣା ସମ୍ପର୍କରେ ଜଣାଇବା ପରେ ଯୁବକ ଜଣଙ୍କ ଫେରାର୍ ହୋଇଯାଇଥିଲେ । ଯୁବକ ଜଣଙ୍କ ଫେରାର୍ ହୋଇଯିବା ନେଇ ପୀଡ଼ିତା ଜଣଙ୍କ କିଛି ଉପାୟ ନପାଇ ମାଆ ଗୁଣ୍ଠ ଦେହୁରୀଙ୍କୁ ଘଟଣା ସମ୍ପର୍କ ସବୁ କଥା ଜଣାଇଥିଲେ । ଝିଅ ଠାରୁ ସମସ୍ତ ଘଟଣା ସମ୍ପର୍କରେ ଜାଣିବା ପରେ ସମାଧାନ ନିମନ୍ତେ ଗ୍ରାମର ଭଦ୍ର ଲୋକଙ୍କ ଏକ ସଭା ବସିଥିଲା । ହେଲେ ଉକ୍ତ ସଭାରେ ଉଚିତ୍ ନ୍ୟାୟ ମିଳିବା ଭଳି କୌଣସି ସମାଧାନ ବାଟ ବାହାରିନଥିଲା । ଶେଷରେ କିଛି ଉପାୟ ନପାଇ ନ୍ୟାୟ ଆଶାରେ ପରିବାର ସହ ପୀଡ଼ିତା ଦୈତାରୀ ଥାନା ଦ୍ୱାରସ୍ଥ ହୋଇ ଏକ ଲିଖିତ ଅଭିଯୋଗ କରିଥିଲେ । ଏଥିସହ ଯୁବକଙ୍କ ପରିବାର ସବୁ ସମ୍ପର୍କରେ ଜାଣିବା ପରେ ତାଙ୍କୁ ଲୁଚାଇ ରଖିଥିବା ପୀଡ଼ିତା କହିଛନ୍ତି । ଅଭିଯୋଗକୁ ଭିତି କରି ପୋଲିସ ଏକ ମାମଲା ରୁଜୁ କରି ପୀଡ଼ିତାଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଡ଼ାକ୍ତରୀମାଇନା କରିବା ପରେ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି । ହେଲେ ଗତ ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଥିଲା ବେଳେ ଆଜି ପର୍ଯ୍ୟନ୍ତ ପୋଲିସ ସଂପୃକ୍ତ ଯୁବକଙ୍କ ପତା ପାଇନଥିବା କାରଣରୁ ନ୍ୟାୟ ଆଶାରେ ଚାହିଁ ରହିଥିବା ପୀଡ଼ିତା ମଧ୍ୟରେ ଧିରେ ଧିରେ ଆଶା ତୁଟିବାକୁ ବସିଛି । ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଯଥାଶୀଘ୍ର ପୀଡ଼ିତାଙ୍କୁ ଉଚିତ୍ ନ୍ୟାୟ ପ୍ରଦାନ କରାଇବାକୁ ଗ୍ରାମବାସୀ ଓ ପୀଡ଼ିତା ଦାବି କରିଛନ୍ତି ।

## ଆଦର୍ଶ ଚାଷୀ ଏକାକୀ ମହିଳା ମିତା ପ୍ରଧାନ ଆତ୍ମନିର୍ଭରଶୀଳ ହୋଇଛନ୍ତି ଆକ୍ସନଏଡ ସହାୟତାରେ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡି ଅଂଚଳରେ ଥିବା ସୁନ୍ଦରଗଡ ଗାଁରେ ଆତ୍ମନିର୍ଭରଶୀଳ ହୋଇଛନ୍ତି ସେହି ଗାଁର ଏକାକୀ ମହିଳା ମିତା ପ୍ରଧାନ । ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆକ୍ସନଏଡ୍ ସହାୟତାରେ ସେ ନିର୍ଭରଶୀଳ ହୋଇ ହୋଇପାରିଛନ୍ତି ଜଣେ ସଫଳ ଚାଷି ଅନୁଷ୍ଠାନ ତରଫରୁ ତାଙ୍କୁ ପ୍ରଦାନ କରାଯାଇଥିଲା ୫ ହଜାର ଟଙ୍କା ସେଥିରୁ ସେ ତାଙ୍କ ଜମିରେ ଆରମ୍ଭ କରିଛନ୍ତି ବନ୍ଧାକୋବି ଓ ବାଦାମ ଚାଷ ସେଥିରେ ସେ ବର୍ତମାନ ଅଂଚଳର ଜଣେ ସଫଳ ଚାଷି ସାଜିଛନ୍ତି । ୨୦୧୮ ମସିହାରେ କୌଣସି କାରଣ ବସତଃ ଅସୁସ୍ଥ ହେବାପରେ ସ୍ୱାମୀ ମିଲନ ପ୍ରଧାନଙ୍କ ଦେହାନ୍ତ ହେବାପରେ ୨ ବର୍ଷ ଏବଂ ୫ ବର୍ଷର ଦୁଇଟି କନ୍ୟା ସନ୍ତାନକୁ ନେଇ କିପରି ଚଳିବେ ତାହା ତାଙ୍କ ପାଇଁ ହୋଇଥିଲା ଏକ ବଡ ଆହ୍ୱାନ କିପରି ପରିବାର ପୋଷଣ କରିବେ ଏବଂ ତାଙ୍କର ଝିଅମାନଙ୍କୁ କିପରି ବଡ କରିବେ ତାହା ସାଜିଥିଲା ବଡ ଚିନ୍ତ । ବର୍ତମାନ ତାଙ୍କ ପାଖରେ ଥିବା ପ୍ରାୟ ୩ ଏକରରୁ ଅଧିକ ଚାଷ ଜମିରେ କରିଛନ୍ତି ସେ ବନ୍ଧାକୋବି,ବାଦାମ ଓ ବିଭିନ୍ନ ପନିପରିବା ଚାଷ ଏବଂ ସେଥିରେ ତାଙ୍କର ପରିବାରର ଅର୍ଥିକ ଉନ୍ନତି ହେବାସହିତ ସେ ମଧ୍ୟ ଜଣେ ଏକାକି ଆତ୍ମନିର୍ଭରଶୀଳ ମହିଳା ହୋଇ ତାଙ୍କପରି ଏକାକୀ ମହିଳା ମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି । ତେବେ ତାଙ୍କ ଭଳି ଦାରିଙ୍ଗବାଡି ଅଂଚଳରେ ଥିବା ଆଉ ୧୧ ଜଣ ଏକାକୀ ମହିଳାଙ୍କୁ ଆକ୍ସନଏଡ ତରଫରୁ ୫ ହାଜର ଟଙ୍କା ଲେଖାଏଁ ପ୍ରାଦାନ କରାଯିବାସହିତ ସେମାନଙ୍କୁ ସେମାନଙ୍କର ଇଛା ଓ ସୁବିଧା ଅନୁସାରେ ଛେଳିଚାଷ, ପନିପରିବା ଚାଷ,ମାଣ୍ଡିଆ ଚାଷ ଏବଂ ସିଆଳି ଖଲି ତିଆରି କରିବା ଭଳି ବିଭିନ୍ନ ଆତ୍ମନିର୍ଭରଶୀଳ କାମ କରି ସ୍ୱାଲମ୍ବୀ ହୋଇପାରିଛନ୍ତି । ଦାରିଙ୍ଗବାଡି ସମେତ କନ୍ଧମାଳ ଜିଲ୍ଲାରେ ଆକ୍ସନଏଡ ତରଫରୁ ଫୁଲବାଣୀ, ତୁମୁଡିବନ୍ଧ ଓ ଘୁ.ଉଦୟଗିରି ଅଂଚଳରେ ଏହିପରି ୩୧ ଜଣ ମହିଳାଙ୍କୁ ସାମାନ୍ୟ ଅର୍ଥିକ ସହାୟତା ଯୋଗାଇ ଦେବାସହିତ ସେମାନଙ୍କୁ ତାଙ୍କର ସୁବିଧା ଅନୁସାରେ କାମକରି ସେମାନଙ୍କୁ ମଧ୍ୟ ଆତ୍ମନିର୍ଭରଶୀଳ କରିବା ପାଇଁ ଉଦ୍ୟମ କରାଯାଇଛି । ସେମାନେ ମଧ୍ୟ ସେମାନଙ୍କର ପ୍ରଚେଷ୍ଟାରେ ବିଭିନ୍ନ କାର୍ଯ୍ୟ ମାଧ୍ୟମରେ ସେମାନଙ୍କ ପରିବାରର ଆର୍ଥିକ ଅଭିବୃଦ୍ଧି କରିବାରେ ଲାଗିଛନ୍ତି ବୋଲି ଦାରିଙ୍ଗବାଡି ଅଂଚଳରେ କାର୍ଯ୍ୟରତ ଆକ୍ସନଏଡର ଧନେଶ୍ୱର ସାହୁ କହିଛନ୍ତି ।

## ବିଶିଷ୍ଟ କର୍ମଚାରୀ ନେତା ଅକ୍ଷୟ ମହାକୁଡ଼ଙ୍କ ପଂଚମ ବାର୍ଷିକ ଶ୍ରାଦ୍ଧୋତ୍ସବ ପାଳିତ

ଭୁବନେଶ୍ୱର, (ପିଏନ)- ଓଡ଼ିଶା ସଚିବାଳୟ ଅମଲାସଂଘ, ଓଡ଼ିଶା ସଚିବାଳୟ ସେବାସଂଘର ପୂର୍ବତନ ସାଧାରଣ ସମ୍ପାଦକ, ସଚିବାଳୟ କର୍ମଚାରୀ ମହାସଂଘର ମହାସଚିବ, ଓଡ଼ିଶା ଶିକ୍ଷକ କର୍ମଚାରୀ ମିଳିତମଂଚର ସଂଯୋଜକ ଏବଂ ଡିଏଭି ପବ୍ଲିକ୍ ସ୍କୁଲ୍ ଅଭିଭାବକ ଆନ୍ଦୋଳନର କର୍ଣ୍ଣଧାର, ନିର୍ଭୀକ ଲଢୁଆ କର୍ମଚାରୀ ନେତା ସ୍ୱର୍ଗତ ଅକ୍ଷୟ କୁମାର ମହାକୁଡଙ୍କ ପଂଚମ ବାର୍ଷିକୀ ଶ୍ରାଦ୍ଧୋତ୍ସବ ଭୁବନେଶ୍ୱର ଓସା ହାଉସ୍‌ରେ ଚିତରଂଜନ ହୋତାଙ୍କ ଅଧ୍ୟକ୍ଷତାରେ ସାମାଜିତ ଦୂରତା ଅବଲମ୍ବନ କରାଯାଇ ଆଜି ମଧ୍ୟାହ୍ନରେ ପାଳିତ ହୋଇଯାଇଅଛି । ଏହି ଅବସରରେ ଓଡ଼ିଶା ସଚିବାଳୟ ସେବାସଂଘ ସାଧାରଣ ସମ୍ପାଦକ ବିବେକାନନ୍ଦ ସାମଲ୍, କର୍ମଚାରୀ ସଙ୍ଗଠକ ସୁବାସ ଷଡ଼ଙ୍ଗୀ, ଗିରିଜା ଶଙ୍କର ଦାସ, ମନୋରଞ୍ଜନ ଦାସ, ପ୍ରଶାନ୍ତ ନାୟକ, ବିଚିତ୍ରାନନ୍ଦ ଦାସ, ଶ୍ରୀକାନ୍ତ ରାଉତ, ପ୍ରଦୀପ୍ତ ସାମନ୍ତରାୟ, ମନୋରଞ୍ଜନ ମଲ୍ଲିକ, ସନ୍ତୋଷ ଦାଶ, ଅଭୟ ମହାନ୍ତି, ରାମ ମହାନ୍ତି, ଲକ୍ଷ୍ମୀଧର ବେହେରା ପ୍ରମୁଖ ସ୍ୱର୍ଗତ ମହାକୁଡଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ ସହ ଦୀପଦାନ କରିଥିଲେ । ଦୁଇ ମିନିଟ୍ ନିରବ ପ୍ରାର୍ଥନା ମାଧମରେ ସ୍ୱର୍ଗତ ନେତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ତାଙ୍କ ସଂଗ୍ରାମ, ତ୍ୟାଗ ନୂତନ କର୍ମଚାରୀମାନଙ୍କୁ ଦିଗ୍‌ଦର୍ଶନ ଦେବ ବୋଲି ମତବ୍ୟକ୍ତ କରିଥିଲେ ।

## ବିକ୍ରି ପାଇଁ ଦୋକାନ ରେ ରଖିଥିବା ପେଟ୍ରୋଲରୁ ନିଆଁ ଲାଗି ଦୋକାନ ଧୂଳିସାତ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ପୋଟ୍ରେଲ ଛକ ଠାରେ ଥିବା ରାଜୁ ପାଙ୍ଗୀଙ୍କ ଦୋକାନରେ ନିଆଁ ଲାଗି ଦୋକାନଟି ସମ୍ପୂର୍ଣ ପୋଡି ଧୂଳିସାତ ହୋଇଯାଇଛି । ଦୋକାନ ରେ ଥିବା ପ୍ରାୟ ୭ ୦ ହଜାର ଟଙ୍କାର ଦୋକାନ ସାମଗ୍ରୀ ସହିତ ବହୁ ଆସବା ପତ୍ରପୋଡି ପାଉଁଶ ହୋଇଯାଇଛି ।ସ୍ଥାନୀୟ ଲୋକମାନେ ନିଆଁକୁ ଆୟତ କରିବାକୁ ଉଦ୍ୟମ କରିଥିଲେ ହେଲେ ନ ପାରିବାରୁ ଏ ସମ୍ପର୍କରେ କୋରୁକୋଣ୍ଡା ଅଗ୍ନିଶମ ବିଭାଗ କୁ ଖବର ଦେଇଥିଲେ !ଅଗ୍ନିଶମ କର୍ମଚାରୀମାନେ ଘଟଣା ସ୍ଥଳରେ ପହଂଚି ଦୀର୍ଘ ସମୟ ଧରି ସଂଘର୍ଷ କରିବାପରେ ନିଆଁକୁ ଆୟତତ୍ତ କରିବାରେ ସଫଳ ହୋଇଥିଲେ ।ମିଳିଥିବା ସୂଚନା ଅନୁଯାୟୀ ଦୋକାନରେ ବିକ୍ରୀ କରିବା ନିମନ୍ତେ ଏକ ପ୍ଲାଷ୍ଟିକ ଜାରକିନ ରେ ପ୍ରାୟ ୬ ୦ ଲିଟର ପେଟ୍ରୋଲ ରଖିଥିଲେ ତେବେ କୋଣସି କାରଣରୁ ଜାରକିନ ରେ ନିଆଁ ଲାଗିଯାଇଥିଲା । ଫଳରେ ପେଟ୍ରୋଲର ନିଆଁ ଉଗ୍ରରୂପ ନେବା ସହ ସମଗ୍ର ଦୋକାନ କୁ ପୋଡି ଜାଳି ଦେଲା ।ଏହି ଅଗ୍ନିକାଣ୍ଡରେ ଲୋକଙ୍କ କିଛି କ୍ଷତି ହୋଇନାହିଁ । ଜିଲ୍ଲାର ବିଭିନ୍ନ ଅଂଚଳରେ ଅନେକ ପେଟ୍ରୋଲ ଟାଙ୍କି ରହିଛି । ହେଲେବି ଜିଲ୍ଲାର ବିଭିନ୍ନ ଅଂଚଳରେ କିଛି ଅସାଧୁ ବ୍ୟବସାୟୀ ନିଜ ନିଜର ଦୋକାନ ସମ୍ମୁଖରେ ବେଆଇନ ଭାବେ ପେଟ୍ରୋଲ ଓ ଡିଜେଲ ଖୋଲା ଖୋଲି ବିକ୍ରି କରୁଛନ୍ତି । ପୋଲିସ କିମ୍ବା ଜିଲ୍ଲା ଯୋଗାଣ ବିଭାଗର ଅଧିକାରୀ ମାନେ ନିରବ ଦ୍ରଷ୍ଟା ସାଜିଛନ୍ତି । ବେଆଇନ ଭାବେ ପେଟ୍ରୋଲ ଓ ଡିଜେର୍ଲ ବିକୁଥିବା ବ୍ୟବସାୟୀ ମାନଙ୍କ ବିରୁଦ୍ଧରେ କୌଣସି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଯୋଗୁଁ ଏଭଳି ଅଗ୍ନିକାଣ୍ଡ ଘଟୁଥିବା ଅଂଚଳ ବାସୀ ଅଭିଯୋଗ କରିଛନ୍ତି ।ତେବେ ଯୋଗାଣ ବିଭାଗର ଅଧିକାରୀ ଓ ପୋଲିସ ପ୍ରଶାସନ ପକ୍ଷରୁ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଜିଲ୍ଲାବାସୀ ଦାବୀ କରିଛନ୍ତି !

## ଆର୍ଯ୍ୟସମାଜ ଆନ୍ଦୋଳନର ମୁଖ୍ୟ ପୃଷ୍ଠପୋଷକ ସ୍ୱାମୀ ଅଗ୍ନିବେଶଙ୍କ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା

ଭୁବନେଶ୍ୱର, (ପିଏନ)- ବିଶିଷ୍ଟ ସାମାଜିକ କାର୍ଯ୍ୟକର୍ତା, ଆର୍ଯ୍ୟସମାଜ ଆନ୍ଦୋଳନର ମୁଖ୍ୟ ପୃଷ୍ଠପୋଷକ, ସଂସ୍କାରବାଦୀ ସନ୍ନ୍ୟାସୀ ସ୍ୱାମୀ ଅଗ୍ନିବେଶଙ୍କ ଉଦ୍ଦେଶ୍ୟରେ ଆର୍ଯ୍ୟସମାଜ, ଓଡ଼ିଶା ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଜୁମ୍ ଭିଡ଼ିଓ ଯୋଗେ ସଭାପତି ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ବେଦମନ୍ତ୍ର ପାଠ କରିବା ପରେ ଶ୍ରଦ୍ଧାଞ୍ଜଳି ଜଣାଇ ଦିବ୍ୟଜୀବନ ସଂଘର ସନ୍ନ୍ୟାସୀ ସ୍ୱାମୀ ଜଗନ୍ନାଥାନନ୍ଦ ମହାରାଜ କହିଲେ ଯେ, ମହର୍ଷି ଦୟାନନ୍ଦଙ୍କର ସଚ୍ଚା ଶିଷ୍ୟ ଥିଲେ ସ୍ୱାମୀ ଅଗ୍ନିବେଶ, ତାଙ୍କର ସଂଗ୍ରାମ ଥିଲା ସାଲିସ ବିହୀନ । ସେ ପ୍ରକୃତରେ ଥିଲେ ସାମାଜିକ କ୍ରାନ୍ତିର ଜଣେ ବାର୍ତାବହ । ବିଶିଷ୍ଟ ଶିକ୍ଷାବିତ୍ ଡଃ ପ୍ରଫେସର ହରେକୃଷ୍ଣ ଶତପଥି କହିଲେ ଯେ, ସ୍ୱାମିଜୀ ଅଗ୍ନିବେଶ ନାମକୁ ସାର୍ଥକ କରିଥିଲେ । ତାଙ୍କର ବକ୍ତବ୍ୟରେ ଅଗ୍ନିସ୍ଫୁଲିଙ୍ଗ ସୃଷ୍ଟି କରୁଥିଲା । ଶିକ୍ଷାବିତ୍ ଡଃ ବଦ୍ରୀନାଥ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଜଣାଇ କହିଲେ ଯେ, ସେ ଥିଲେ ଗୋତିଶ୍ରମିକମାନଙ୍କର ତ୍ରାଣକର୍ତା । ସମାଜବାଦୀ ପାର୍ଟିର ସଭାପତି ରବି ବେହେରା କହିଲେ ଯେ, ଆମେ ଗର୍ବିତ ଯେ, ସେ ଓଡ଼ିଶାରେ ଜନ୍ମ ହୋଇଥିଲେ । ବରିଷ୍ଠ କଂଗ୍ରେସ ନେତା ଅଧ୍ୟାପକ କୈଳାସ ଆଚାର୍ଯ୍ୟ କହିଲେ ଯେ, ସ୍ୱାମିଜୀ ମରିନାହାଁନ୍ତି, ସ୍ୱାମିଜୀଙ୍କୁ ଗୋଟିଏ ନିର୍ଦ୍ଦିଷ୍ଟ ଦଳର ଗୁଣ୍ଡାମାନେ ମାରିଦେଲେ । ଘାତକମାନେ ସରକାରୀ ପୃଷ୍ଠପୋଷକତାରେ ଏବେବି ବୁଲୁଛନ୍ତି । ଡ଼ି.ଏ.ଭି.ର ବରିଷ୍ଠ କାର୍ଯ୍ୟକର୍ତା ଡଃ ହିମାଂଶୁ ମହାନ୍ତି କହିଲେ ଯେ, ଓଡ଼ିଶାର ପ୍ରତ୍ୟେକଟି ସମସ୍ୟା ସହିତ ନିଜକୁ ସାମିଲ୍ କରିଥିଲେ । ସେ ପୋସ୍କୋ ହେଉ ବା ମହାନଦୀ ବଂଚାଓ ହେଉ । ମା’ଘରର ପ୍ରତିଷ୍ଠାତ୍ରୀ ସଭାନେତ୍ରୀ ଋତୁପର୍ଣ୍ଣା ମହାନ୍ତି ଶ୍ରଦ୍ଧାଞ୍ଜଳି ଜଣାଇ କହିଲେ ଯେ, ସମାଜର ପଛୁଆବର୍ଗ, ବିଶେଷ ଭାବେ ଶୋଷିତଶ୍ରେଣୀ, ମହିଳାମାନଙ୍କୁ ସମାଜର ଆଗଧାଡ଼ିକୁ ଆଣିବାକୁ ତାଙ୍କର ସଂଗ୍ରାମ ଥିଲା ସାଲିସ ବିହୀନ ।ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କୁଳପତି ଡଃ ବିମଳେନ୍ଦୁ ମହାନ୍ତି, ମହାବୋଧି ସମିତିର ଟ୍ରଷ୍ଟି ଡଃ ସୌରେନ୍ଦ୍ର ମହାପାତ୍ର, ମହର୍ଷି ଦୟାନନ୍ଦ ମିଶନ ଅଧ୍ୟକ୍ଷ ଡଃ ବିକାଶ ପଣ୍ଡା, ଇଂ ଗୋପିନାଥ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । କାର୍ଯ୍ୟକ୍ରମକୁ ଡଃ ବଦ୍ରୀନାଥ ପଟ୍ଟନାୟକ ପରିଚାଳନା କରିଥିଲେ । ଶେଷରେ ଯୁବ ଆର୍ଯ୍ୟସମାଜ, ଓଡ଼ିଶାର ଅଧ୍ୟକ୍ଷ ପ୍ରବୀର ଆର୍ଯ୍ୟ ଧନ୍ୟବାଦ ଦେଇଥିଲେ ।

## ପୋଲିସ, ପ୍ରଶାସନ ଓ ପୌରନିର୍ବାହୀ ଅଧିକାରଙ୍କ ଉପସ୍ଥିତିରେ ହେଲା ସତ୍କାର

କନ୍ଧମାଳ,(ପିଏନ)-୨ କୋଭିଡ୍ ସନ୍ଦିଗ୍ଧଙ୍କର ଫୁଲବାଣୀ ଡାକ୍ତରଖାନାରେ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ହୋଇଥିଲା । ସେମାନଙ୍କ ମଧ୍ୟରୁ ଫୁଲବାଣୀ ଗଣେଷ ବଜାରର ଜଣେ ୭୫ ବର୍ଷିୟ ପୁରୁଷ ହୋଇଥିବାବେଳେ ଆଉ ଜଣେ ଅମଲାପଡା ଅଂଚଳର ଜଣେ ୮୦ ବର୍ଷର ମହିଳା ଅଟନ୍ତି । ତେବେ ସେମାନଙ୍କର ଶବ ସଂସ୍କାର ପାଇଁ ତାଙ୍କ ଆଖପାଖ ଅଂଚଳର କେହି ନଆସିବାରୁ କନ୍ଧମାଳ ଟିମ ହ୍ୟୁମାନିଟିକୁ ଜିଲ୍ଲା ପ୍ରଶାସସନ ତରଫରୁ ଏହି କାର୍ଯ୍ୟରେ ସହାୟତା ପାଇଁ ଅନୁରୋଧ କରାଯାଇଥିଲା । ଏଥିରେ ଟିମ ହ୍ୟୁମାନିଟିର ସଦସ୍ୟ ମାନେ ତୁରନ୍ତ ପ୍ରସ୍ତୁତ ହେବା ସହିତ ସଦସ୍ୟ ମାନେ କୋଭିଡ ହସପିଟାଲରେ ପହଂଚିବା ସହିତ ସମସ୍ତେ ପିପିଇ କିଟ୍ ପିନ୍ଧି ସ୍ଥାନୀୟ ଏଫ୍‌ସିଆଇ ଛକ ନିକଟରେ ଥିବା ଶ୍ମସାନରେ କୋଭିଡ ନିୟମ ଅନୁସାରେ ୨ଟି ଶବ ସଂସ୍କାର କରିଥିଲେ । ସେଠାରେ ଉଭୟ ମୃତକଙ୍କ ପରିବାରର ସ୍ୱଳ୍ପ ସମ୍ପର୍କିୟଙ୍କ ସମେତ ପୋଲିସ ଜିଲ୍ଲା ପ୍ରଶାସନିକ ଅଧିକାରୀ ଫୁଲବାଣୀ ପୌରାଂଚଳର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଉପସ୍ଥିତିରେ ଏହି ଦୁଇଟି ଶବକୁ ସଂସ୍କାର କରାଯାଇଛି । ଟିମ ହ୍ୟୁମାନିଟିର ଏହି ମାନବିକତା ପୂର୍ଣ୍ଣ କାର୍ଯ୍ୟକୁ ଜିଲ୍ଲା ପ୍ରଶାସନ ସମେତ ଜିଲ୍ଲାର ବିଭିନ୍ନ ବୁଦ୍ଧୀଜୀବି ମହଲରେ ପ୍ରଶଂସା କରାଯାଇଛି । ସୁଚା ଯୋଗ୍ୟ ଟିମ ହ୍ୟୁମାନିଟି ଗତ କଟି ଦିନ ହେଲା ଫୁଲବାଣୀ ସମେତ ସମଗ୍ର କନ୍ଧମାଳ ଜିଲ୍ଲାରେ ସଡକ ଦୁର୍ଘଟଣାର ଆହତ ମାନଙ୍କ ସହିତ ସ୍ନେକ ହେଲ୍ପଲାଇନ୍ ଜରିଆରେ ଲୋକଙ୍କ ଘରେ ପଶିଥିବା ସାପକୁ ଧରିବା ସହିତ ତାକୁ ନେଇ ସୁରକ୍ଷିତ ଭାବରେ ଜଙ୍ଗଲରେ ଛାଡିବା,ରକ୍ତଦାନ କ୍ଷେତ୍ରରେ କାର୍ଯ୍ୟ କରିବା ଭଳି ଅନ୍ୟାନ୍ୟ ସେମା ମୁଳକ କାର୍ଯ୍ୟରେ ଅସହାୟ ଲୋକଙ୍କୁ ସେବା ଦେଇ ଆସୁଛି । ତେବେ ଆଜିର ଏହି କାର୍ଯ୍ୟ ପାଇଁ ଟିମ ହ୍ୟୁମାନିଟିର ସଦସ୍ୟ ମାନଙ୍କୁ ଜିଲ୍ଲାର ସବୁ ସ୍ତରରୁ ପ୍ରଶଂସାର ସୁଅ ଛୁଟିଛି ।




# ସନ୍ଥକବି ଭୀମଭୋଇ



ଏକ ସମୟରେ ମହିମା ବା ଅଲେଖ ଧର୍ମ ଓଡ଼ିଆ ସାହିତ୍ୟ ଓ ଧାର୍ମିକ ସାମାଜିକ ଜୀବନକୁ ଗଭୀର ଭାବେ ପ୍ରଭାବିତ କରିଥିଲା। ସମାଜରେ ପ୍ରଚଳିତ ଜାତିଭେଦ, ପ୍ରତିମା ପୂଜା, ତେତିଶ କୋଟି ଦେବାଦେବୀଙ୍କ କଳ୍ପନା ଆରାଧନା ଓ ବାହ୍ୟ ଆଡ଼ମ୍ବରକୁ ଏହା ପ୍ରତ୍ୟାଖ୍ୟାନ କରିଥିଲା। ଏହି ଧର୍ମର ଅନ୍ୟତମ ମୁଖ୍ୟ ପୁରୋଧା ଥିଲେ ଗୃହୀ ଶିଷ୍ୟ ଭୀମ ଭୋଇ। ତାଙ୍କ ଅନୁଗାମୀମାନେ, ତାଙ୍କୁ ଅଯୋନିସଂଭୂତ ଭାବେ ଗ୍ରହଣ କରିଛନ୍ତି। ସେମାନଙ୍କ ଦୃଷ୍ଟିରେ ସେ ଭଗବାନଙ୍କ ଅବତାର ଏବଂ ଅଲେଖ ପୁତ୍ର। ସ୍ୱରଚିତ ସ୍ତୁତି ଚିନ୍ତାମଣିରେ ମଧ୍ୟ ସେ ଏହାର ସୂଚନା ଦେଇଛନ୍ତି ପିତା ଅଟନ୍ତି ମୋ ଅନାଦି ଠାକୁର, ମାତା ଆଦିଶକ୍ତି ନାରୀ, ଦୂତୀ ଯୁଗଳରୁ ଜନମ ଲଭିଛି, କବିକୃତ କଳା ଧରି। ପଞ୍ଚସଖା ଯୁଗର ପରମ ସାଧକ ଅଚ୍ୟୁତାନନ୍ଦ ଦାସ, ତାଙ୍କର ସଂହିତାମାନଙ୍କରେ ଲେଖିଛନ୍ତି, ରାଧା ମାନବ ରୂପ ଧାରଣ କରି କନ୍ଧ ଗୃହରେ ଜନ୍ମ ହେବେ। ଭୀମ ଭୋଇ ନିଜ ଇଚ୍ଛା ଅନୁସାରେ ନାରୀ ରୂପ ଧାରଣ କରିପାରୁଥିଲେ। ଏହା ଅଧ୍ୟାପକ ଶତ୍ରୁଘ୍ନ ନାଥଙ୍କ ସନ୍ଥକବି ଭୀମ ଭୋଇ ପୁସ୍ତକରେ ଉଲ୍ଲେଖିତ। ଥରେ ବାବା ଗଙ୍ଗାଧର ଦାସଙ୍କୁ ଜଙ୍ଗଲରେ ସେ ନାରୀ ରୂପ ଦେଖାଇଥିଲେ। ଅନାଦି ସଂହିତାରେ ଅଚ୍ୟୁତାନନ୍ଦ ଲେଖିଛନ୍ତି 'ଶୁଣଗୋ ସିଦ୍ଧଙ୍କ ବନିତା, ସେ ଭୀମସେନର କଥା। ପୂର୍ବେ ସେ ମହାଶୂନ୍ୟବାସୀ, ରାଧାଙ୍କ ଯେ ଅରୂପ ଅଂଶୀ'। ତାଙ୍କୁ ଏଭଳି ଚିତ୍ରଣ କରାଯାଇଥିବା ବେଳେ ସେ ଥିଲେ ଶ୍ରୀଜଗନ୍ନାଥ ଆରାଧନାର ତୀବ୍ର ବିରୋଧୀ। ପୁରୀରେ ଶ୍ରୀଜଗନ୍ନାଥ ପୂଜା ବନ୍ଦ କରିବା ପାଇଁ ଉଦ୍ୟମ କରିଥିଲେ। ମହିମା ଧର୍ମର ପ୍ରଚାର ପ୍ରସାରରେ ତାଙ୍କର ଭୂମିକା ଉଲ୍ଲେଖନୀୟ ଓ ପ୍ରାତଃ ସ୍ମରଣୀୟ। ତାଙ୍କ ଲେଖନୀ ମୁନରେ ସେ ଏହି ଧର୍ମ ବିଷୟରେ ଅନେକ କାଳଜୟୀ ରଚନା ସୃଷ୍ଟି କରିଛନ୍ତି। ଜୀବନର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ସେ କାହା ଠାରୁ ବିନ୍ଦୁର ସାହାଯ୍ୟ ବି ଚାହିଁ ନାହାଁନ୍ତି। ସରଳ, ନିଃସ୍ୱାର୍ଥପର ଓ ସମାଜ ସେବା ପାଇଁ ତାଙ୍କ ତମାମ ଜୀବନ ସମର୍ପିତ ଥିଲା। ଆଜିର ସମୟରେ ଭୀମଭୋଇଙ୍କ ପରି ସ୍ରଷ୍ଟା ଓ ଆଧ୍ୟାତ୍ମିକ ସାଧକ ଅତ୍ୟନ୍ତ ବିରଳ। ପ୍ରତିଟି ଶ୍ୱାସପ୍ରଶ୍ୱାସରେ ହିଁ ତାଙ୍କର ମହିମା ଚେତନାର ବାର୍ତ୍ତା ଓ ଭାବନା ରହିଥିଲା। ସେ ସମୟରେ ସେ ନିଜେ ଜଣେ ଗରିବ ହୋଇ ମଧ୍ୟ ଅନେକ ଅସହାୟ ଗରିବ ପରିବାର ପାଇଁ ସାହାଯ୍ୟର ହାତ ବଢ଼ାଇଥିଲେ। ତିଥି ଅନୁସାରେ ଭୀମ ଭୋଇ ବୈଶାଖ ପୂର୍ଣ୍ଣମୀରେ ତାରିଖ ଅନୁସାରେ (ମଇ ୧୦) ରେଢ଼ାଖୋଲର କଟାସିଙ୍ଗାରେ ଜନ୍ମ ହୋଇଥିବା ବିଶ୍ୱାସ କରାଯାଏ।

# ଆହ୍ୱାନ ପକ୍ଷରୁ ବିଶ୍ୱ ମାତୃଦିବସ ପାଳନ

ଯାଜପୁର (ପିଏନ୍): ଯାଜପୁରର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ 'ଆହ୍ୱାନ' ପକ୍ଷରୁ ଉପ-ସଭାପତି ପାଣ୍ଡବ ଚରଣ ସାହୁଙ୍କ ଅଧ୍ୟକ୍ଷତାରେ ସନ୍ଧ୍ୟା ୬ ଘଟିକା ସମୟରେ ବିଶ୍ୱା ମାତୃଦିବସ ପାଳନ କରାଯାଇଥିଲା। ମା' ବିରଜା ଓ ଶ୍ରୀଜଗନ୍ନାଥଙ୍କ ଫଟୋ ଚିତ୍ରରେ ମୁଖ୍ୟ ଅତିଥି ପଣ୍ଡିତ ଭୂପତିଭୂଷଣ ମିଶ୍ର ମାଲ୍ୟାର୍ପଣ କରିବା ସହ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ମାତୃ ଜାତି ଚିର ବନ୍ଦନୀୟା ଓ ମା' ମାନଙ୍କର ଋଣ କେହି କେବେ ସୁଝି ପାରିବେ ନାହିଁ ବୋଲି ଦୃଢ଼ତାର ସହ ପଣ୍ଡିତ ଶ୍ରୀ ମିଶ୍ର ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତାଭାବେ ଅଧିକାରୀ ନବକିଶୋର ଦାସ ଯୋଗଦେଇ ସତ୍ୟ, ଦ୍ୱାପର, ତ୍ରେତୟା ଏବଂ କଳିଯୁଗରେ ବିଶ୍ୱବିଦିତ ମହିୟସୀ ନାରୀ ମାନଙ୍କର ଉପାଖ୍ୟାନ ବର୍ଣ୍ଣନା କରିଥିଲେ। ମୁଖ୍ୟ ଉପଦେଷ୍ଟା ହୃଷୀକେଶ ପତି ଏବଂ ଉପଦେଷ୍ଟା ତପନ କୁମାର ମହାରଣ୍ୟ ଶର୍ମା ଓ ମନୋଜା ରାୟ, ସମ୍ମାନିତ ଅତିଥି ଭାବେ ଯୋଗଦେଇ ମାତୃଦିବସ ତାତ୍ପର୍ଯ୍ୟ ସଂପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଦମୟନ୍ତୀ ସାହୁ, ସରସ୍ୱତୀ ପୃଷ୍ଟି ଏବଂ ଶାନ୍ତିଲତା ସାହୁ ପ୍ରମୁଖ ପୂଜା କରାଯିବା ସହ ସେମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସଂବର୍ଦ୍ଧିତ କରାଯାଇଥିଲା। ସଂପାଦକ ବିଶ୍ୱଜିତ ସାହୁ ସଂପାଦକୀୟ ବିବରଣୀ ଅତିଥି ପରିଚୟ ଏବଂ ସଂଗୀତ ଗାନ କରିଥିଲେ। ଏହି ଉତ୍ସବରେ ରଶ୍ମିକାନ୍ତ ପରିଡ଼ା ଓ ରଂଜିତା ପରିଡ଼ା ନୂତନ ଭାବେ ଆହ୍ୱାନରେ ଯୋଗଦେଇ ଶୁଭକାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ରଞ୍ଜୁଶହା, ସୌମ୍ୟଜିତ ସାହୁ, ଜୟଦେବ ରାଉତ, ବୈଜୟନ୍ତୀ ବେହେର, ମହେଶ ମହାନ୍ତି, ସସ୍ମିତା ସାହୁ, ଶୁଭ୍ରଜିତ ସାହୁ, ରାଜେନ୍ଦ୍ର ସାହୁ ଓ ସାଇ ଓମ୍ ପ୍ରକାଶ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ସହ ସଂପାଦକ ଅକ୍ଷୟ ପୃଷ୍ଟି ଧନ୍ୟବାଦ ଦେଇଥିଲେ।

## ଜୀ ସାର୍ଥକର ନୂଆ ସିନେମା ଡ଼ିଟେକ୍ଟିଭ୍ କରନ୍-ଅର୍ଜୁନର ଅଡ଼ିଓ ରିଲିଜ

ଖୋର୍ଦ୍ଧା (ପିଏନ୍)-ଜୀ ସାର୍ଥକର ନୂଆ ସିନେମା ଡ଼ିଟେକ୍ଟିଭ୍ କରନ୍-ଅର୍ଜୁନର ଅଡ଼ିଓ ରିଲିଜ ହୋଇଯାଇଛି। ଫିଲିମରେ ତିନୋଟି ଗୀତ ରହିଥିବା ବେଳେ ଏଥିରେ ଡ଼କ୍ଟର ନିର୍ମଳ ନାୟକ ଓ ଅଭିଜିତ୍ ମଜୁମଦାରଙ୍କ ଜୋଡ଼ି ପୁଣି ଥରେ ଦେଖିବାକୁ ମିଳିବ। ଯେଉଁଥିରେ ଭାଉଜ ଓ ଭାଉଜ ଗୀତଟି ମାର୍କେଟରେ ଚହଳ ସୃଷ୍ଟି କରିବ ବୋଲି ଜୀ ସାର୍ଥକ ଆଶା ପ୍ରକଟ କରିଛି। ଏହି ଗୀତକୁ ନିଜେ ପପୁ ପମ୍‌ପମ୍ ଗାଇଥିବା ବେଳେ ତାଙ୍କ ସହ ଗାଇଛନ୍ତି ସ୍ମୃତି ସେହିପରି ଏକ ଦୋ ତିନି ଚାର, ଚାରିଆଡ଼େ ଦିଶୁଛି ମୋ ପ୍ୟାର। ଗୀତକୁ ଗାଇଛନ୍ତି ଅଭିଜିଦ ମଜୁମଦାର ଓ ସଂଜୁ। ଛାଡ଼ରେ ସାଙ୍ଗ ଗନ୍ଧିଆ କଥା ଗୀତକୁ ଈଶ୍ୱରୀ ଗାଇଛନ୍ତି। ସମସ୍ତ ଗୀତକୁ ଡ଼କ୍ଟର ନିର୍ମଳ ନାୟକ ଲେଖିଥିବା ବେଳେ ସଂଗୀତରେ ସଜାଇଛନ୍ତି ଅଭିଜିତ୍ ମଜୁମଦାର ସବୁତକ ଗୀତ ଦର୍ଶକଙ୍କ ମନକୁ ଛୁଇଁବ ବୋଲି ପୁରାଟିମ୍ ଆଶାବାଦୀ। ଆସନ୍ତା ୧୫ ତାରିଖ ସନ୍ଧ୍ୟା ୬ଟା ୩୦ମି.ରେ ଏହି ମୁଭିଟି ଜୀସାର୍ଥକରେ ରିଲିଜ ହେବ। କିନ୍ତୁ ତା ପୂର୍ବରୁ ଅଡ଼ିଓ ରିଲିଜ୍ କରିବାର ପରମ୍ପରା ଆରମ୍ଭ କରିଛି ଜୀ ସାର୍ଥକ। ଓଲିଉଡ଼ରେ ନୂଆ ମାଇଲ ଷ୍ଟୋନ ତିଆରି କରିପାରିଛି। ଜୀ ସାର୍ଥକ ଫିଲିମ୍ ଓ ଲିପ୍ସା ପ୍ରଡ଼କ୍ସନ ବ୍ୟାନରରେ ନିର୍ମାଣ ହେଉଛି ନୂଆ ସିନେମା ଡ଼ିଟେକ୍ଟିଭ୍ କରନ ଅର୍ଜୁନ ଏହି ଚଳଚ୍ଚିତ୍ରରେ ନୂଆ ଅବତାରରେ କମେଡ଼ି କିଂ ପପୁ ପମ୍‌ପମ୍‌କୁ ଦେଖିବାକୁ ମିଳିବ। ତାଙ୍କ ସହ ପ୍ରଜ୍ଞା ଖଟୁଆଙ୍କ ଦମ୍‌ଦାର ଅଭିନୟର ମଜା ପାଇବେ ଦର୍ଶକ। ଉଭୟ ପପୁ ଓ ପ୍ରଜ୍ଞା କରନ ଅର୍ଜୁନ ଭୂମିକାରେ ଅଭିନୟ କରୁଛନ୍ତି। ସେହିପରି ନାୟିକା ସାଜିଛନ୍ତି ଅଭିନେତ୍ରୀ ପ୍ରୀୟଙ୍କା ମହାନ୍ତି, ପ୍ରିୟଙ୍କା ମହାପାତ୍ର ଓ ଲିପସା ମିଶ୍ର ଅନ୍ୟମାନଙ୍କ ମଧ୍ୟରେ ଟୁକୁନା, ପ୍ରଜ୍ଞା ମହାନ୍ତି, ଜୀବନ ପଣ୍ଡା, କୁନା ତ୍ରିପାଠୀ, ହାଡ୍ଡୁ, ଅରବିନ୍ଦ ଷଡଙ୍ଗୀ, ରାଜିବ, କାଳୀ, ମନୋଜ, ସୁଶା, ଦିଗ୍‌ବିଜୟ, ସୁମିତ ଓ ସଂଗ୍ରାମ ପ୍ରମୁଖ ଅଭିନୟ କରିଛନ୍ତି। ପପୁ ପମ୍‌ପମ୍ ନିଜେ ସିନେମାର କାହାଣୀ ଲେଖିଥିବା ବେଳେ ଅଶ୍ୱିନି ଗଡ଼ନାୟକ ନିର୍ଦ୍ଦେଶନା ଦେଇଛନ୍ତି। ଏହାର ସଂଳାପ ଲେଖିଛନ୍ତି ଟୁକୁନା। ଚଳଚ୍ଚିତ୍ରର କାହାଣୀ ସହ ସଂଗୀତ ମଧ୍ୟ ଲୋକାଦୃତ ହୋଇପାରିବ ବୋଲି ଜୀ ସାର୍ଥକ ପକ୍ଷରୁ ଆଶା ପ୍ରକଟ କରାଯାଇଛି।

# ମା' ରାମଚଣ୍ଡୀଙ୍କ ପୀଠରେ ହାଣ୍ଡିଭଙ୍ଗା ଯାତ



ପ୍ରାଚୀନ ଅର୍କକ୍ଷେତ୍ରର ରକ୍ଷାକର୍ତ୍ତ୍ରୀ ଅଷ୍ଟଚଣ୍ଡୀଙ୍କ ମଧ୍ୟରେ ମା' ରାମଚଣ୍ଡୀ ହେଉଛନ୍ତି ଶ୍ରେଷ୍ଠ ତଥା ଅଧିଷ୍ଠାତ୍ରୀ ଦେବୀ । ମା' ରାମଚଣ୍ଡୀଙ୍କ ଅବସ୍ଥିତି ଓ ମାହାତ୍ମ୍ୟ ସଂପର୍କରେ ମାଦଳା ପାଞ୍ଜି, ସାରଳା ମହାଭାରତ, ପ୍ରାଚୀ ମାହାତ୍ମ୍ୟ, ପୁରୁଷୋତ୍ତମ ମାହାତ୍ମ୍ୟ, ତଥା ବିଭିନ୍ନ ଐତିହାସିକ ବିବରଣୀରୁ ସୂଚନା ମିଳେ । ଏତଦ୍‌ବ୍ୟତିତ ଲୋକମୁଖରେ ମା'ଙ୍କ ସଂପର୍କରେ ଅନେକ କିମ୍ବଦନ୍ତୀ ମଧ୍ୟ ଶୁଣିବାକୁ ମିଳେ । ମା'ଙ୍କ ପୀଠରେ ବର୍ଷତମାମ ପାଳନ କରାଯାଉଥିବା ବିଭିନ୍ନ ପର୍ବପର୍ବାଣୀଗୁଡ଼ିକ ମଧ୍ୟରେ ଶ୍ରେଷ୍ଠ ଓ ନିଆରା ପର୍ବ ହେଉଛି ହାଣ୍ଡିଭଙ୍ଗା ଯାତ। ବୈଶାଖ ମାସ ଶୁକ୍ଳ ପକ୍ଷ ଶେଷ ଗୁରୁବାର ଦିନ ଏହି ପର୍ବ ପାଳନ କରାଯାଇଥାଏ । ଏହା ଓଡ଼ିଆଣୀ କୁଳବଧୂମାନଙ୍କର ଏକ ନିଆରା ପର୍ବ । କାହିଁ କେଉଁ କାଳରୁ ପୁରୁଷାନୁକ୍ରମେ ଖାଲକଟାପାଟଣା ଓ ଟିକନା ଗ୍ରାମର କୁଳବଧୂମାନେ ନିଜ ପରିବାରର ଶୁଭ ମନାସି ମା' ରାମଚଣ୍ଡୀଙ୍କ ନିକଟରେ ହାଣ୍ଡିଭଙ୍ଗା ଯାତକୁ ମହାଆଡ଼ମ୍ବରରେ ପାଳନ କରିଥାନ୍ତି । ଘଞ୍ଚ ଜଙ୍ଗଲ ଓ ସମୁଦ୍ରକୂଳରେ ଏହି ଦୁଇଟି ଗ୍ରାମର ଅବସ୍ଥିତି ଥିବାରୁ ଜଙ୍ଗଲି ଜୀବଜନ୍ତୁଙ୍କ ଆକ୍ରମଣ ଓ ସମୁଦ୍ର ମାଡ଼ି ନ ଆସିବା ପାଇଁ ଗ୍ରାମର କୂଳବଧୂମାନେ ମା' ରାମଚଣ୍ଡୀଙ୍କ ନିକଟରେ ହାଣ୍ଡିଭଙ୍ଗାଯାତକୁ



ପୁରୁଷାନୁକ୍ରମେ ପାଳନ କରି ଆଶୁଛନ୍ତି ।

ବୈଶାଖ ମାସ ଶୁକ୍ଳ ପକ୍ଷ ଶେଷ ଗୁରୁବାର ଦିନ ମା'ଙ୍କ ପୀଠରେ ଏହି ନିଆରା ପର୍ବ ହାଣ୍ଡିଭଙ୍ଗା ଯାତ ଧୁମଧାମରେ ପାଳିତ ହୋଇଥାଏ । ମା'ଙ୍କ ପୀଠ ସଂଲଗ୍ନ ଟିକନା ଓ ଖାଲକଟାପାଟଣା ଗ୍ରାମର କୁଳବଧୂମାନେ ଏହି ପବିତ୍ର ଦିନରେ ଉପବାସ ବ୍ରତ ପାଳନ କରି ଏକତ୍ର ହୁଳହୁଳି ପକାଇ ଗ୍ରାମରୁ ବାହାରିଥାନ୍ତି । ମା' ରାମଚଣ୍ଡୀଙ୍କ ନିମନ୍ତେ କୁଳବଧୂମାନେ ଗାଧୁଆ ସଜ ଧରି ପବିତ୍ର ପୀଠରେ ପହଞ୍ଚିବା ପରେ ମା'ଙ୍କ ପୂଜକ ଗାଧୁଆ ନୀତି



ସମ୍ପନ୍ନ କରିଥାନ୍ତି । ପ୍ରତ୍ୟେକ ମହିଳା ପରିଧାନ କରିଥିବା ନୂଆ ଲୁଗା କାନିରେ ବାନ୍ଧି ଆଣିଥାନ୍ତି ହାଣ୍ଡିରନ୍ଧା ସାମଗ୍ରୀ । ମା'ଙ୍କ ମନ୍ଦିର ବେଢ଼ାର ପଶ୍ଚିମ ପାର୍ଶ୍ୱରେ ଥିବା ହାଣ୍ଡିରନ୍ଧା ଚୁଲାରେ ସମୂହ ହାଣ୍ଡିରନ୍ଧା କାର୍ଯ୍ୟ ଆରମ୍ଭ ହୋଇଥାଏ। ମନ୍ଦିରର ପୂଜକ ଓ ମାଳି ମା'ଙ୍କ ରୋଷଘର ଚୁଲାରୁ ଅଗ୍ନୀ ଆଣି ପ୍ରତ୍ୟେକ ମହିଳାଙ୍କ ଚୁଲିରେ ଅଗ୍ନୀ ସଂଯୋଗ କରିବା ସହିତ ଖୀରିକୋଳି ଡାଙ୍ଗରେ ପ୍ରସ୍ତୁତ ଚଟୁ ଯୋଗାଇ ଦେବାପରେ ମହିଳାମାନେ ହାଣ୍ଡିରନ୍ଧା କାର୍ଯ୍ୟ ଆରମ୍ଭ କରିଥାନ୍ତି । ମହିଳାମାନେ ଘରୁ ଆଣିଥିବା ଅରୁଆଚାଉଳ, ମୁଗ, ଚିନି, ଘିଅ ଓ ପରିବାକୁ ମିଶାଇ ନୂଆ ମାଟିହାଣ୍ଡିରେ ଖେଚୁଡ଼ି ପ୍ରସ୍ତୁତ କରିଥାନ୍ତି । ଏହି ସମୟରେ ମା'ଙ୍କ ରୋଷେଇଘରେ ପୂଜକ ମଧ୍ୟ ନୂଆ ମାଟିହାଣ୍ଡିରେ ଅନୁରୂପଭାବେ ଖେଚୁଡ଼ି ପ୍ରସ୍ତୁତ କରିବାପରେ ମା'ଙ୍କ ନିକଟରେ ଭୋଗ ଲଗାଇଥାନ୍ତି । ଏହାପରେ ହାଣ୍ଡିରନ୍ଧା ଖେଚୁଡ଼ିକୁ ପୂଜକ ଓ ମହିଳାମାନେ କଦଳୀ ପତ୍ରରେ ବାଢିଥାନ୍ତି । ଖେଚୁଡ଼ିର ସିଂହଭାଗ ଅଂଶକୁ ଦୁଇଟି ବାଟୁଳା କରି ବାଘ ଓ ବାଘୁଣୀଙ୍କ ନିମନ୍ତେ ହାଣ୍ଡିରେ ରଖିବା ପରେ ଅବଶିଷ୍ଟ ଖେଚୁଡ଼ିକୁ ସେବନ କରି ବଳକା ଖେଚୁଡ଼ି ହାଣ୍ଡିକୁ ଧରି ପୂଜକ ହାଣ୍ଡିଭଙ୍ଗା ବନ୍ତ ଅଭିମୁଖେ ଆଗେ ଆଗେ ଯିବା ବେଳେ ମହିଳାମାନେ ନିଜ ନିଜ ହାଣ୍ଡିକୁ ଧରି ନୀରବତା ଅବଲମ୍ବନ କରି ତାଙ୍କୁ ଅନୁସରଣ କରିଥାନ୍ତି । ମା'ଙ୍କ ମନ୍ଦିରର ପଶ୍ଚିମ-ଉତ୍ତର କୋଣର ୨୦୦ମିଟର ଦୂରରେ ଥିବା ହାଣ୍ଡିଭଙ୍ଗା ବନ୍ତରେ ପହଞ୍ଚି



ଏହି ବନ୍ତକୁ ସାତଥର ପ୍ରଦିକ୍ଷଣ କରିବା ପରେ ବନ୍ତ ଚୂଡ଼ାରେ ଥିବା ଶିଳା ଉପରେ ହାଣ୍ଡିକୁ କଚାଡ଼ି ଭାଙ୍ଗିଥାନ୍ତି । ଏହାପରେ ମହିଳାମାନେ ଏକମୁହାଁ ହୋଇ ୩୦୦ ମିଟର ଦୂରରେ ଥିବା ହାତଧୁଆ ଝରଣାରେ ହାତ ଧୋଇ



ଗ୍ରାମଦେବତୀ ଖାଲକୋଠୀଙ୍କୁ ମୁଣ୍ଡିଆମାରୀ ଘରକୁ ଫେରିଥାନ୍ତି । ଯେଉଁ ମହିଳାଙ୍କ ହାଣ୍ଡିର ମୁଣ୍ଡୁଳି ଭାଙ୍ଗିନଥାଏ ସଂପୃକ୍ତ ମହିଳା ନିଜ ପରିବାରରେ କୌଣସି ଅମଙ୍ଗଳ ନ ହେବା ପାଇଁ ରିଷ୍ଟ ଖଣ୍ଡନ ଉଦ୍ଦେଶ୍ୟରେ ଶୁକ୍ରବାର ପ୍ରତ୍ୟୁଷରେ ମା'ଙ୍କ ପାଖରେ ଗୁହାରିଆ ପଡ଼ିବାର ବିଧି ରହିଛି ।

ଏହି ଅବସରରେ ବିଶ୍ୱ ଶାନ୍ତି ନିମନ୍ତେ ମା'ଙ୍କ ନିକଟରେ ହାଣ୍ଡିଭଙ୍ଗା ଯାତର ଦୁଇଦିନ ପୂର୍ବରୁ ତ୍ରିଦିବସୀୟ ଚଣ୍ଡୀମହାଯଜ୍ଞ ଆୟୋଜିତ ହୋଇଥାଏ । ହାଣ୍ଡିଭଙ୍ଗା ଯାତ ଦିନ ପ୍ରତ୍ୟୁଷରେ ମା' ରାମଚଣ୍ଡୀଙ୍କୁ ମହାଲକ୍ଷ୍ମୀ ବେଶରେ ସଜାଯାଇ ପୂଜାର୍ଚ୍ଚନା କରାଯାଇଥାଏ । ସକାଳ ମଙ୍ଗଳ ଆଳତି ଓ ରାତିରେ ବଡ଼ସିଂହାର ଧୂପ ଆଳତିକୁ ମିଶାଇ ମାଆଙ୍କ ନିକଟରେ ମୋଟ ୫ ଥର ଆଳତି କରାଯାଇଥାଏ । ମା'ରାମଚଣ୍ଡୀଙ୍କର ମହାଲକ୍ଷ୍ମୀ ବେଶ ଓ ହାଣ୍ଡିଭଙ୍ଗା ଯାତକୁ ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ଦିନତମାମ ଲାଗିରହିଥାଏ । ଏହି ଅବସରରେ ଆୟୋଜକଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସଭା ଅନୁଷ୍ଠିତ ହୋଇଥାଏ । ଏହି ସାଂସ୍କୃତିକ କାର୍ଯ୍ୟକ୍ରମକୁ ପର୍ଯ୍ୟଟନ ବିଭାଗ ସହାୟତାରେ ମା' ରାମଚଣ୍ଡୀ ଉନ୍ନୟନ କମିଟି, ମା' ରାମଚଣ୍ଡୀ ବଜାର କମିଟିର ସମସ୍ତ ସଦସ୍ୟ ପରିଚାଳନା କରିଥାନ୍ତି ।

ଏଠାରେ ସୂଚନା ଥାଉକି ୨୦୧୯ ମସିହାରେ ସାମଦ୍ରିକ ଝଡ ଫନି ଓ ୨୦୨୦ ଏବଂ ୨୦୨୧ ମସିହାରେ ମହାମାରୀ କରୋନା ପାଇଁ ମା'ଙ୍କ ପୀଠରେ ଜାକଜମକରେ ପାଳନ ହୋଇପାରି ନଥିଲା ହଣ୍ଡିଭଙ୍ଗା ଯାତ । କେବଳ ପରମ୍ପରା ରକ୍ଷା କରାଯାଇଥିଲା । ଚଳିତ



ବର୍ଷ ୧୦ତାରିଖରୁ ଆରମ୍ଭ ହୋଇଥିବା ତ୍ରିଦିବସୀୟ ବିଶ୍ୱ ଶାନ୍ତି ମହାଯଜ୍ଞ ବୈଶାଖ ମାସ ଶେଷ ଗୁରୁବାର ୧୨ତାରିଖରେ ଉଦଯାପିତ ହେବ । ଏହି ଅବସରରେ ୧୦ତାରିଖରୁ ୧୨ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେହ ସନ୍ଧ୍ୟା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ । ୧୦ ତାରିଖ ଚଣ୍ଡୀ ମହାଯଜ୍ଞ ଓ ସନ୍ଧ୍ୟା ୬ଟାରେ ଖାଲକଟାପାଟଣା ଗ୍ରାମର ମା' ଜାଗେଶ୍ୱରୀ ମହିଳା ସଂକୀର୍ତ୍ତନ ମଣ୍ଡଳି ପକ୍ଷରୁ ସଂକୀର୍ତ୍ତନ ପରିବେଷଣ କରାଯିବ । ୧୧ ତାରିଖ ସନ୍ଧ୍ୟା ୬ଟାରେ କଟକ ବାଦାମବାଡିର ମା' ସାରଳା ଭଜନ ସନ୍ଧ୍ୟା ପକ୍ଷରୁ ଭଜନ ପରିବେଷଣ ଏବଂ ରାତ୍ର ୧୦ଟାରେ ନୟାଗଡ ବୁଢିଆଳିର ରଘୁନାଥ ଜିୟୁ ରାମନାଟ ସଂସଦ ପକ୍ଷରୁ ଲବକୁଶ ଜନ୍ମ



ପରିବେଷଣ କରାଯିବ। ୧୨ ତାରିଖ ଗୁରୁବାର ମା' ରାମଚଣ୍ଡୀଙ୍କ ମହାଲକ୍ଷ୍ମୀ ବେଶ ଓ ହାଣ୍ଡିଭଙ୍ଗା ଯାତ, ଚଣ୍ଡୀ ମହାଯଜ୍ଞର ପୂର୍ଣ୍ଣାହୁତି, ସନ୍ଧ୍ୟା ୬ଘଟିକା ମା' ଖଣ୍ଡୁଆଳି ମହିଳା ସଂକୀର୍ତ୍ତନ ମଣ୍ଡଳି ପକ୍ଷରୁ ସଂକୀର୍ତ୍ତନ ପରିବେଷଣ, ସନ୍ଧ୍ୟା ୭ଟାରେ ଓଡିଶୀ ସଂକୀର୍ତ୍ତନ ପରିବେଷଣ, ରାତ୍ର ୮ଟାରେ ସାଧାରଣ ସଭା ଓ ରାତ୍ର ୯ଟାରେ



ନୟାଗଡ ପୁଆଣିଆର ମା' ବ୍ରହ୍ମଣ ଦେବୀ ରାମନାଟ ସଂସଦ ପକ୍ଷରୁ ଲକ୍ଷ୍ମଣ ଶକ୍ତି ଭେଦ ପରିବେଷଣ କରାଯିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି । ସୁବାସ ପ୍ରଧାନ, କାର୍ତ୍ତିକ ଚନ୍ଦ୍ର ବେହେରା, ଲୋକନାଥ ନାୟକ, ନରେନ୍ଦ୍ର ପରିଡା, ଚନ୍ଦ୍ରନ ବେହେରା, ଅନିଲ ନାୟକ, ସଦାଶିବ



ନାୟକ, ରବିନ୍ଦ୍ର ଦାସ, ସନାତନ ବେହେରା, ପ୍ରକାଶ ବେହେରା, ରାମଚନ୍ଦ୍ର ନାୟକ, ସନାତନ ପ୍ରଧାନ ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି ।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ଖେଳ ପର୍ଯ୍ୟବେକ୍ଷକ

Bhubaneswar Wednesday April 09 | ଭୁବନେଶ୍ୱର ବୁଧବାର, ୦୯, ୨୦୨୫ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com



## ପାରାଦୀପ ବନ୍ଦର ଓ ସାକ୍ଷରତା ସମିତି ପକ୍ଷରୁ ଲେମ୍ବୁ ଓ ଦହି ପାଣି ବଣ୍ଟନ କେନ୍ଦ୍ର ଉଦଘାଟିତ



ପାରାଦୀପ,(ପି.ଏନ): ପ୍ରବଳ ଗ୍ରୀଷ୍ମ ପ୍ରବାହ କୁ ଦୃଷ୍ଟିରେ ରଖି ପାରାଦୀପ ବନ୍ଦର ପ୍ରାଧିକରଣ ଏବଂ ଏହାର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ପାରାଦୀପ ସାକ୍ଷରତା ସମିତି ମିଳିତ ସହଯୋଗରେ ପଥଚାରୀ ଙ୍କ ଜଳକଷ୍ଟ ନିବାରଣ ନିମନ୍ତେ ଏକ ଲେମ୍ବୁ ଓ ଦହି ପାଣି ବଣ୍ଟନ କେନ୍ଦ୍ର ବନ୍ଦର ପ୍ରଶାସନିକ ଭବନ ସମ୍ମୁଖ ସ୍ଥିତ ମୁଖ୍ୟ ରାସ୍ତା ପାର୍ଶ୍ୱରେ ମଙ୍ଗଳବାର ଦିନ ଉଦଘାଟିତ ହୋଇଯାଇଛି କ୍ଷ ଏହି ଅବସରରେ ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ.ହରନାଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କେନ୍ଦ୍ର କୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ କ୍ଷ ଅନ୍ୟମାନଙ୍କ ମଧ୍ୟରେ ବନ୍ଦର ଉପାଧକ୍ଷ ନୀଳାଭ୍ର ଦାସଗୁପ୍ତା ସମ୍ମାନିତ ଅତିଥି ଏବଂ ବନ୍ଦର ଉପ ସରଂକ୍ଷକ କ୍ୟାପଟେନ ଅଲେଖ ଚ଼ନ୍ଦ୍ର ସାହୁ, ମୁଖ୍ୟ ଅର୍ଥ ପରାମର୍ଶଦାତା ଡି.ଏନ.ସୋଣ୍ଡୀ, ସିଏମଇ ଏସ.ନାହାକ, ଡିଟିଏମ ଏ.କେ.ସାହୁ ସ୍ୱତନ୍ତ୍ର ଅତିଥି ଭାବେ ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ କ୍ଷ ଏକ ମାସ ଧରି ଚ଼ାଲିବାକୁ ଥିବା ଏହି ପାନୀୟ ବଣ୍ଟନ କେନ୍ଦ୍ର କୁ ପାରାଦୀପ ସାକ୍ଷରତା ସମିତି ର ସମ୍ପାଦକ ରାମ ଚ଼ନ୍ଦ୍ର ପ୍ରଧାନ ଓ ପ୍ରକଳ୍ପ ସଂଯୋଜକ ଅଶୋକ ମହାପାତ୍ର ଙ୍କ ତତ୍ୱାବଧାନ ଓ ସ୍ୱେଚ୍ଛାସେବୀ ଙ୍କ ସହଯୋଗରେ ଚ଼ାଲିବ ।

## ରଘୁନାଥପୁର ବ୍ଲକ୍ କାର୍ଯ୍ୟାଳୟ ଠାରେ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର

ଜଗତସିଂହପୁର, (ପି.ଏନ): ଆଜି ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ରଘୁନାଥପୁର ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଅଛି ।ଏହି ଅଭିଯୋଗ ଶିବିର ରେ ଉପସ୍ଥିତ ରହି ବରିଷ୍ଠ ଅଧିକାରୀ ମାନେ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ। ଆଜି ମୋଟ ୫୭ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୪୭ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୧୦ ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ୍ କାର୍ଡ ସମ୍ବନ୍ଧୀୟ ୦୭ ଟି, ଆବାସ ଯୋଜନା ସମ୍ପର୍କୀୟ ୧୭ ଟି ,ଜମିଜମା ସମସ୍ୟା ସମ୍ପର୍କୀୟ ୦୫ ଟି, ଭତ୍ତା ପାଇବା ପାଇଁ ୦୫ ଟି ,ପୋଲିସ ସହାୟତା ପାଇବା ପାଇଁ ୦୧ ଟି, ଏବଂ ଅନ୍ୟାନ୍ୟ ୧୨ ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ରେ ଆରକ୍ଷୀ ଅଧକ୍ଷକ ଶ୍ରୀ ଭବାନୀ ଶଙ୍କର




ଉଦଗାତା, ଜିଲ୍ଲା ପରିଷଦ ର ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଅଧିକାରୀ ଶ୍ରୀ ରବିନାରାୟଣ ଜେଠୀ ,ଅତିରିକ୍ତ ଜିଲ୍ଲାପାଳ, ଜଗତସିଂହପୁର ଶ୍ରୀ ଜ୍ୟୋତି ଶଙ୍କର ରାୟ, ଉପ ଜିଲ୍ଲାପାଳ, ଜଗତସିଂହପୁର, ଶ୍ରୀ ପ୍ରଶାନ୍ତ କୁମାର ତରାଇ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଘୁନାଥପୁର ,ଶ୍ରୀ ବିରଞ୍ଚି ନାରାୟଣ ବେହେରା, ତହସିଲଦାର, ରଘୁନାଥପୁର, ଅଭିସ୍ୱା ପଟ୍ଟନାୟକ,ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ।

## ପାରାଦୀପ ବନ୍ଦର ୫ମ ଆନ୍ତଃ ବିଭାଗୀୟ କ୍ରିକେଟ ପ୍ରତିଯୋଗିତା ଉଦଯାପିତ : ଟ୍ରାଫିକ ବିଭାଗ ଚ଼ାମ୍ପିୟନ

ପାରାଦୀପ ,(ପି.ଏନ): ପାରାଦୀପ ବନ୍ଦରର ଗୋପବନ୍ଧୁ କ୍ରୀଡ଼ା ସଂସଦ ଆନୁକୁଲ୍ୟରେ ସ୍ଥାନୀୟ ଗୋପବନ୍ଧୁ ଷ୍ଟାଡିୟମ୍ ଠାରେ ଗତ ୩ ତାରିଖ ଠାରୁ ଆରମ୍ଭ ହୋଇଥିବା ୫ମ ଆନ୍ତଃ ବିଭାଗୀୟ କ୍ରିକେଟ ପ୍ରତିଯୋଗିତାର ଫାଇନାଲ ମ୍ୟାଚ଼ ସୋମବାର ଟ୍ରାଫିକ ଓ ମେଡ଼ିକାଲ ବିଭାଗ ମଧ୍ୟରେ ସୋମବାର ସନ୍ଧ୍ୟାରେ ଖେଳାଯାଇଥିଲା । ପ୍ରଥମେ ବ୍ୟାଟିଂ କରି ମେଡ଼ିକାଲ ବିଭାଗ ନିର୍ଦ୍ଧାରିତ ୧୫ ଓଭରରେ ୬ ଉଇକେଟ ହରାଇ ୧୦୫ ରନ ସଂଗ୍ରହ କରିଥିଲା । ଜବାବରେ ଟ୍ରାଫିକ ବିଭାଗ ୪ଟି ଉଇକେଟ ହରାଇ ୧୪.୧ ଓଭରରେ ୧୦୯ରନ କରି ବିଜୟୀ ହୋଇଥିଲା ।ଉଦଯାପନୀ କାର୍ଯ୍ୟକ୍ରମରେ ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ.ହରନାଦ ମୁଖ୍ୟ ଅତିଥି ଏବଂ ଉପାଧକ୍ଷ ନୀଳାଭ୍ର ଦାସଗୁପ୍ତା ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତି ଦଳକୁ




ଟ୍ରଫି ପ୍ରଦାନ କରିଥିଲେ କ୍ଷ ଫାଇନାଲ ମ୍ୟାଚ଼କୁ କ୍ରୀଡ଼ା ସଂସଦର କାର୍ଯ୍ୟକାରୀ ସଭାପତି ଡକ୍ଟର ଦୁର୍ଗା ପ୍ରସାଦ ସେଠୀ,ସମ୍ପାଦକ ରଞ୍ଜନ ରଶ୍ମି ବେଉରା ଏବଂ ପାରାଦୀପ ବନ୍ଦର କ୍ରୀଡା ଉପଦେଷ୍ଟା ରବି ଦାସ ସଫଳତା ର ସହ ପରିଚ଼ାଳନା କରିଥିଲେ । ଫାଇନାଲ ମ୍ୟାଚ଼ ରେ ବନ୍ଦରର ବିଭାଗ ମୁଖ୍ୟମାନେ ତଥା ବନ୍ଦରର ବରିଷ୍ଠ ଅଧିକାରୀ ଓ କର୍ମଚ଼ାରୀ ଷ୍ଟାଡିୟମରେ ବହୁ ସଂଖ୍ୟାରେ ଉପସ୍ଥିତ ରହି ଖେଳାଳୀ ମାନଙ୍କୁ ଉତ୍ସାହିତ କରିଥିଲେ ଓ କର୍ମଚ଼ାରୀ ମାନଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରଖିବା ତଥା ସେମାନଙ୍କ ସ୍ୱାସ୍ଥ୍ୟ ପ୍ରତି ଦୃଷ୍ଟି ଦେବା ଲକ୍ଷ୍ୟରେ ଏପରି କ୍ରୀଡ଼ା ପ୍ରତିଯୋଗିତାକୁ ଆୟୋଜନ କରିବାରେ ବନ୍ଦର ଅଧକ୍ଷଙ୍କ ଅନନ୍ୟ ପ୍ରଚେଷ୍ଟାର ଭୂୟସୀ ପ୍ରଶଂସା କରିଥିଲେ ।

## ବାଲିଆ ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ

କେନ୍ଦ୍ରାପଡ଼ା,୮।୪: କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଭାଗବତପୁର ଗ୍ରାମପ□ାୟତର ବାଲିଆ ସରସ୍ୱତୀ ଶିଶୁ ମନ୍ଦିରର ୩୩ତମ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଶିଶୁ ମନ୍ଦିର ପରିଚାଳନା ସମିତି ସଭାପତି ପ୍ରମୋଦ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ ଓଡିଶାର ସମ୍ପାଦକ ଡ. କରୁଣାକର ପ୍ରଧାନ, ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ମୂରଲୀଧର ରଥ, ସମ୍ମାନୀତ ଅତିଥି ଭାବେ ଓଡିଶା ଚ.କ. କମ୍ପାନୀ ମୁଖ୍ୟ ଅଭିନନ୍ଦନ ପାତ୍ର,ଶିକ୍ଷା ବିକାଶ ସଂସ୍ଥାନର ବରିଷ୍ଠ ସଦସ୍ୟ ଧରଣୀଧର ବେହେରା, ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧକ୍ଷା ସୁନୀତା କୁମାରୀ ବେହେରା ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଅତିଥିମାନେ ଲିମ୍ବ ଓ ବଉଳ ଗଛର ଚାରା ବିଦ୍ୟାଳୟ ପରିସରରେ ରୋପଣ କରିବା ସହ ବିଶୁଦ୍ଧ ଥଣ୍ଡା ପାନୀୟ ଜଳ ପ୍ରକଳ୍ପର ଉଦଘାଟନ କରିଥିଲେ। ବାର୍ଷିକ କ୍ରୀଡା ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅପରାହ୍ନରେ ସଭାପତି ଶ୍ରୀ ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ ଦ୍ୱିତୀୟ ପର୍ଯ୍ୟାୟ ବୈଠକରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ବୈଦିକ ବିଦ୍ୱାନ ପଣ୍ଡିତ ବିରେନ୍ଦ୍ର କୁମାର ପଣ୍ଡା, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ବ୍ୟାଙ୍କ ପ୍ରଶାସକ ତଥା କେନ୍ଦ୍ରାପଡା ଅର୍ବାନ କୋପରେଟିଭ ବ୍ୟାଙ୍କର ସଭାପତି ଗୁରୁ ପ୍ରସାଦ ମହାନ୍ତି, ସମ୍ମାନୀତ ଅତିଥି ଭାବେ ଡା. ବିଶ୍ୱପ୍ରକାଶ କାନୁନଗୋ, ବମ୍ବେ କ୍ୟାନସର ଫାଉଣ୍ଡେସନ ଟ୍ରଷ୍ଟର ଓଡିଶା ସଦସ୍ୟା ଗାୟତ୍ରୀ ମହାନ୍ତି, ଭାଗବତପୁର ସମିତି ସଭ୍ୟା ପ୍ରମିଳା ମିଶ୍ର, ଅର୍ବାନ ବ୍ୟାଙ୍କର ଅବସରପ୍ରାପ୍ତ ସି.ଇ.ଓ. ସୁଶିଲ କୁମାର ସାମଲ, ମାତା ସରୋଜିନୀ ପତି, ଜଳସମ୍ପଦ ବିଭାଗର ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ ଚି□ରଞ୍ଜନ ନାୟକ, ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମିଶ୍ର ଓ ନିରଞ୍ଜନ ସ୍ୱାଇଁ ପ୍ରମୁଖ ମ□ାସୀନ ଥିଲେ ।

## ଜେବିଏଲ ପକ୍ଷରୁ ଭାରତରେ ଟ୍ୟୁନ ସିରିଜ ୨ର ଶୁଭାରମ୍ଭ

ଭୁବନେଶ୍ୱର,(ପି.ଏନ): ଜେବିଏଲ୍ **ପକ୍ଷରୁ ଭାରତରେ** ଗେମ୍-ଚେଂ ଟ୍ୟୁନ ସିରିଜ ୨ର ଶୁଭାରମ୍ଭ ଘୋଷଣା କରାଯାଇଛି। ଏହି ନୂଆ ସିରିଜ ୩ଟି ସ୍ୱତନ୍ତ୍ର ଷ୍ଟାଇଲ ଯଥା ବଡ୍ସ ୨, ବିମ୍ ୨ ଓ ଫ୍ଲେକ୍ସ ୨ର ଶୁଭାରମ୍ଭ କରିଛି। ଟ୍ୟୁନ ୨ ସିରିଜ ଆଡାପ୍ଟିଭ ନଏଜ କ୍ୟାନ୍ସେଲିଂ, ଉନ୍ନତ ଡ୍ରାଇଭର ଓ ସ୍ପାଟିଆଲ ସାଉଣ୍ଡ ଭଳି ପ୍ରଥମ ଥରର ଫିଚରଗୁଡିକ ସହ ଆସୁଛି। ମଲ୍ଟି-ପଏଂଟ କନେକ୍ସନ ଓ ଗୁଗଲର ଫାଷ୍ଟ ପେୟାର ସହିତ ଉପଭୋକ୍ତାମାନେ ସହଜରେ ଡିଭାଇସଗୁଡିକ ମଧ୍ୟରେ ସ୍ୱିଚ କରିପାରିବେ ଏବଂ ଆଣ୍ଡ୍ରଏଡ ଡିଭାଇସଗୁଡିକ ସହ ଇନ୍ଷ୍ଟାଂଟ ପେୟାରିଂ ଉପଭୋଗ କରିପାରିବେ। ଜେବିଏଲ୍ର ନୂଆ ଟ୍ୟୁନ ସିରିଜ ୨ ତିନୋଟି ସ୍ୱତନ୍ତ୍ର ଡିଜାଇନ ସହ ପର୍ସନାଲ ଅଡିଓକୁ ପୁନଃବ୍ୟାଖ୍ୟା କରିଛି ଯେଉଁଥିରେ ଏର୍ଗୋନୋମିକ ବଡ୍-ଷ୍ଟାଇଲ ଡିଜାଇନ ସହ ଟ୍ୟୁନ ବଡ୍ସ୨, ସ୍ଲିକ କ୍ଲୋଜ୍ଡ-ଟାଇପ ଷ୍ଟିକ ଡିଜାଇନ ସହ ଟ୍ୟୁନ ବିମ୍ ୨ ଏବଂ ଉନ୍ନତ ସାଉଣ୍ଡ କ୍ୱାଲିଟି ପାଇଁ ବୃହତ ୧୨ ଏମଏମ ଡ୍ରାଇଭର ସହ ଓପନ-ଟାଇପ ଷ୍ଟିକ ଡିଜାଇନ ସହ ବହୁମୁଖୀ ଟ୍ୟୁନ ଫ୍ଲେକ୍ସ ୨ ସାମିଲ ରହିଛି। ଏଥିରେ ୪୮ ଘଂଟା ପର୍ଯ୍ୟନ୍ତ ମୋଟ ପ୍ଲେବ୍ୟାକର ଏକ ଆକର୍ଷଣୀୟ ବ୍ୟାଟେରୀ ଲାଇଫ ରହିଛି।




ଏହି ଇୟରବଡ୍ଗୁଡିକରେ ଆଇପି୫୪ ୱାଟର ଓ ଡଷ୍ଟ ରେଜିଷ୍ଟାନ୍ସ ରହିଛି। ସିରିଜରେ ଥିବା ପ୍ରତ୍ୟେକ ମଡେଲ ଏଲଇ ଅଡିଓ ସହ ବ୍ଲୁଟୁଥ ୫.୩ ଓ ୬ଟି ମାଇକ୍ରୋଫୋନ ସମେତ ଆଡ୍ଭାନ୍ସଡ ଫିଚରଗୁଡିକ ସହ ସୁସଜ୍ଜିତ ହୋଇଆସୁଛି, ଯାହା ଆହ୍ୱାନପୂର୍ଣ୍ଣ ପରିବେଶରେ ମଧ୍ୟ ସ୍ୱଷ୍ଟ ଫୋନ କଲ୍ ନିଶ୍ଚିତ କରିଥାଏ। ଏହାର ଟକ୍ଥ୍ରୁ ଫିଚର ଆପଣଙ୍କୁ ଇୟରବଡ୍କୁ ବାହାର ନକରି ଆଲୋଚନାରେ ସାମିଲ ହେବାକୁ ଅନୁମତି ଦେଇଥାଏ। ଏହି ଉତ୍ପାଦଗୁଡିକ ଏପ୍ରିଲ ୧୭ ତାରିଖ ୨୦୨୫ରୁ ସମସ୍ତ ପ୍ରମୁଖ ରିଟେଲରରେ ଏବଂ ଙ୍ଗଙ୍ଗଙ୍ଗ.ଔଈଖ.ମକ୍ଷଙ୍କ ରେ ଉପଲବ୍ଧ ହେବ। ଆପଣ ସ୍ୱତନ୍ତ୍ର ଲଂଚ ଅଫର ପାଇଁ ନିଜର ନିକଟସ୍ଥ ଷ୍ଟୋରଗୁଡିକୁ ପରିଦର୍ଶନ କରିପାରିବେ। ଜେବିଏଲ୍ ଟ୍ୟୁନ ବଡ୍ସ୨, ବିମ୍୨ ଓ ଫ୍ଲେକ୍ସ ୨ ଯଥାକ୍ରମେ ୯୪୯୯ ଟଙ୍କା, ୧୧,୯୯୯ ଟଙ୍କା ଓ ୧୦,୪୯୯ ଟଙ୍କାରେ ଉପଲବ୍ଧ ହେବ। ଟିଡବ୍ଲ୍ୟୁଏସ ବ୍ଲାକ, ବ୍ଲୁ ଓ ହ୍ୱାଇଟ କଲରରେ ଉପଲବ୍ଧ ହେବ ।ଏହି ଶୁଭାରମ୍ଭ ଅବସରରେ ହର୍ମନ ଇଣ୍ଡିଆରେ ଲାଇଫଷ୍ଟାଇଲ ବିଭାଗର ଉପାଧକ୍ଷ ବିକ୍ରମ ଖେର କହିଛନ୍ତି, ନ୍ତଭାରତରେ ଜେବିଏଲ ଟ୍ୟୁନ ସିରିଜର ସମ୍ପ୍ରସାରଣ ସହିତ ଆମେ ଆଡପ୍ଟିଭ ନଏଜ କ୍ୟାନ୍ସେଲିଂ ଓ ଭଏସଆୱେର ଭଳି ଫିଚର ସହ ଏକ ଉନ୍ନତ ନିମଜ୍ଜିତ ଅଡିଓ ଅନୁଭୂତି ପ୍ରଦାନ କରିବା ପାଇଁ ପ୍ରତିବଦ୍ଧ ରହିଛୁ ଯାହା ଉପଭୋକ୍ତାଙ୍କୁ ଉନ୍ନତ ସାଉଣ୍ଡ କ୍ୱାଲିଟି ଓ ସାରାଦିନର ଆରାମ ସହ ନିଜର ଶ୍ରବଣ ଅନୁଭୂତିକୁ ପର୍ସନାଲାଇଜ କରିବା ପାଇଁ ଅନୁମତି ଦେଉଛି।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray